ସକାଳ THE SAKALA



www.sakalaepaper.com

ବିବାଦୀୟ ବିବିଏମ୍‌ସିଏଚ୍

# ଏସ୍‌ଏନ୍‌ସିୟୁ ଭିତରୁ ନବଜାତ ଗାଏବ୍

**ବଲାଙ୍ଗିର, ୧୬ ।୨(ସମିସ)**

ପୁଣି ବିବାଦ ଘେରରେ ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନା। ଶୁକ୍ରବାର ସକାଳୁ ଜନ୍ମ ହୋଇଥିବା ଏକ ନବଜାତକ

## ସକାଳେ ନିଖୋଜ ସନ୍ଧ୍ୟାରେ ଉଦ୍ଧାର

ଶିଶୁପୁତ୍ର ଏସ୍‌ଏନ୍‌ସିୟୁରୁ ଗାୟବ ହୋଇଯିବା ଘଟଣା ସାମ୍ନାକୁ ଆସିବାପରେ ଆଲୋଡନ ସୃଷ୍ଟି ହୋଇଛି। ବୌଦ୍ଧ ଜିଲ୍ଲା କଣ୍ଟାମାଳରୁ ଆସିଥିବା ଏକ ଦମ୍ପତିଙ୍କ ଶିଶୁ ଚୋରିଘଟଣାକୁ ନେଇ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଥିଲେ। ତେବେ ସକାଳେ ନିଖୋଜ ହୋଇଥିବା ନବଜାତକୁ ବଲାଙ୍ଗିର ପୁଲିସ ସିସିଟିଭି ଫୁଟେଜରୁ ଅଭିଯୁକ୍ତକୁ ଚିହ୍ନଟ କରି ବୌଦ୍ଧ ଜିଲ୍ଲା ଘଣ୍ଟପଡ଼ା ନିକଟରୁ ଉଦ୍ଧାର କରିଛି।

ଅନ୍ୟପକ୍ଷରେ ୭ ମହଲା ସ୍ତ୍ରୀ ଓ ପ୍ରସୂତି ବିଭାଗର ଏତେ ସୁରକ୍ଷା ବ୍ୟବସ୍ଥା, ସିସିଟିଭି ନୀରିକ୍ଷଣ ଥାଇ ମଧ୍ୟ ଶିଶୁ ଚୋରି ହୋଇଯିବା ସମସ୍ତଙ୍କୁ ଚକିତ କରିଛି। ପରିବାରଲୋକ ଚିକିତ୍ସା ପାଇଁ ଶିଶୁକୁ ଏସ୍‌ଏନ୍‌ସିୟୁ କର୍ମଚାରୀଙ୍କୁ ଦେଇଥିଲେ। ଡାକ୍ତର ଚିକିତ୍ସା ମଧ୍ୟ କରିଥିଲେ କିନ୍ତୁ କିଛି ଘଣ୍ଟାପରେ ଶିଶୁ ନିଖୋଜ ଥିବା ଜଣାପଡ଼ିଥିଲା। ଏହିଭଳି ଏକ ଘଟଣା ଏବେ




ବିବିଏମ୍‌ସିଏଚ୍ ପାଇଁ ଦୁର୍ନାମ ଆଣିଦେଇଛି। ଗୁରୁବାର ଅପରାହ୍ଣ ପ୍ରାୟ ୩ଟା ସମୟରେ ବୌଦ୍ଧ ଜିଲ୍ଲା କଣ୍ଟାମାଳ ଥାନା ବର୍ଡିପଦର ଗାଁର ସୁଶୀଲ ସ୍ୱାଇଁ ନିଜ ସ୍ତ୍ରୀ ଚୁମକି ସ୍ୱାଇଁଙ୍କୁ ବଲାଙ୍ଗିର ଚିକିତ୍ସା ପାଇଁ ଆଣିଥିଲେ। ଶୁକ୍ରବାର ସକାଳୁ ୭ ଟା ସମୟରେ ତାଙ୍କର ଏକ ଶିଶୁପୁତ୍ର ଜନ୍ମ ହୋଇଥିଲା। ଡାକ୍ତର ଦେଖିବା ପରେ ଓଜନ କମିଥିବା କହି ଏସ୍‌ଏନସିୟୁରେ ଭର୍ତ୍ତି କରିବା ପାଇଁ କହିଥିଲେ। ସୁଶୀଲଙ୍କ ବଡ଼ ଭଉଣୀ ଶିଶୁକୁ ନେଇ ଏସଏନସିୟୁ କର୍ମଚାରୀଙ୍କୁ କାଗଜପତ୍ର ସହ ଦେଇଥିଲେ। କର୍ମଚାରୀମାନେ ନେଇ ଭର୍ତ୍ତି ମଧ୍ୟ କରିଥିଲେ। ପରବର୍ତ୍ତୀ ସମୟରେ ସୁଶୀଳଙ୍କୁ ଡକାଯାଇଥିଲା। ସେ ସେଠାକୁ ନ ଯାଇ ତାଙ୍କ ବଡ଼ ଭଉଣୀ ଯିବାରୁ ଶିଶୁ ବିଷୟରେ କୌଣସି ସୂଚନା ନ ଦେଇ ଫେରାଇଦେଇ ଥିଲେ। ପରେ ସୁଶୀଳଙ୍କ ଭାଣିଜୀ ଯିବାପରେ କୌଣସି ଶିଶୁ ସେମାନେ ଏସଏନସିୟୁ କୁ ଆଣି ନ ଥିବା କହି ଦୁର୍ବ୍ୟବହାର ଦେଇ ଫେରାଇ ଦେଇଥିଲେ। ଏନେଇ ଚିକିତ୍ସା କରିଥିବା ଡାକ୍ତର ଜଣକ କହିଥିଲେ ଶିଶୁକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏପଟେ ପରିବାର ଲୋକଙ୍କ କହିବା ଅନୁସାରେ ସେମାନେ ଶିଶୁକୁ ଆଣିନାହାନ୍ତି। ତେବେ ନିୟମାନୁସାରେ ଏସଏନସିୟୁରେ ଭର୍ତ୍ତି ହେଉଥିବା ଶିଶୁ ଚିହ୍ନଟ ପାଇଁ ଟ୍ୟାଗିଂ ବ୍ୟବସ୍ଥା ରହିଛି। କିନ୍ତୁ ଶିଶୁକୁ ଭର୍ତ୍ତି କରିବା ସମୟରେ ପରିବାର ଲୋକଙ୍କୁ କୌଣସି ଟ୍ୟାଗ୍ ଦିଆଯାଇ ନ ଥିବା ଅଭିଯୋଗ ହୋଇଛି। ଏହି ଘଟଣା ସାମ୍ନାକୁ ଆସିବାପରେ ଡାକ୍ତରଖାନାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଟାଉନ ଥାନା ଅଧିକାରୀ, ଡାକ୍ତରଖାନା ଅଧୀକ୍ଷିକା ଆସି ପରିବାର ଲୋକଙ୍କ ସହ ଆଲୋଚନା କରିଥିଲେ। ସିସିଟିଭି ଯାଞ୍ଚ ମଧ୍ୟ କରାଯାଇଥିଲା। ଡାକ୍ତରଖାନାରେ ହେଉଥିବା ଏହିଭଳି କାରବାର ଓ ଅବହେଳାକୁ ନେଇ ପରିବାର ଲୋକଙ୍କ ସହ ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତା ଧାରଣାରେ ବସିଥିଲେ। ତେବେ ଡାକ୍ତରଖାନା ଅଧୀକ୍ଷିକା ଡା. ମାନସୀ ପଣ୍ଡାଙ୍କ କହିବା ଅନୁସାରେ ପରିବାର ଲୋକଙ୍କ ଅଭିଯୋଗକ୍ରମେ ଆମେ ପୁଲିସକୁ ଖବର ଦିଆଯାଇଥିଲା।



## ହଳଦିଆ ଜ୍ୟାକେଟ୍ ପିନ୍ଧିଥିବା ବ୍ୟକ୍ତି କିଏ ?

ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାରୁ ଶିଶୁ ନିଖୋଜ ଘଟଣାରେ ସାମ୍ନାକୁ ଆସିଛି ଜଣେ ଯୁବକଙ୍କ ସିସିଟିଭି ଚିତ୍ର। ହଳଦିଆ ଜ୍ୟାକେଟ ପିନ୍ଧିଥିବା ଯୁବକ ହାତରେ ଡାକ୍ତର ଶିଶୁକୁ ଦେଇଥିବା କହିଛନ୍ତି। ଉକ୍ତ ଯୁବକଙ୍କ ଚିତ୍ର ମଧ୍ୟ ସେ ସାମ୍ନାକୁ ଆଣିଛନ୍ତି। ଅନ୍ୟପକ୍ଷରେ ସମ୍ପୃକ୍ତ ଯୁବକଙ୍କ ଚିତ୍ର ଦେଖିବା ପରେ ଡାକ୍ତରଖାନା ଅଧୀକ୍ଷିକା ମଧ୍ୟ ସେହି ଯୁବକ ଜଣକ ଅନେକଥର ଡାକ୍ତରଖାନାରେ ବୁଲାବୁଲି କରୁଥିବା ଚିହ୍ନଟ କରାଯାଇଛି। ତେବେ ଏହି ଦୁଇ ସୂଚନାରୁ ଏହା ସ୍ପଷ୍ଟ ଯେ ସମ୍ପୃକ୍ତ ଯୁବକଙ୍କୁ ପୂର୍ବରୁ ମଧ୍ୟ ଡାକ୍ତରଖାନାରେ ଚିହ୍ନଟ କରାଯାଇସାରିଛି। ତେବେ ସିସିଟିଭି ଆଧାରରେ ବଲାଙ୍ଗିର ପୁଲିସ ଶିଶିକୁ ବୌଦ୍ଧ ଜିଲ୍ଲା ଘଣ୍ଟପଡ଼ା ନିକଟ କଟେରମାଲ ସାହସ ପିଟା ଗାଁରୁ ସମ୍ପୃକ୍ତ ଯୁବକଙ୍କଠାରୁବ ଉଦ୍ଧାର କରିଛି।

ଲୋଇସିଂହା ବିଜେପିରେ ଫାଟ

# ୧୦ ପ୍ରତିଶତରେ ବିଧାୟକ ବିକୁଛନ୍ତି ପ୍ରକଳ୍ପ

**ବଲାଙ୍ଗିର, ୧୬ ।୨(ସମିସ):** ବଲାଙ୍ଗିର ଜିଲ୍ଲା ଲୋଇସିଂହା ନିର୍ବାଚନମଣ୍ଡୀ ବିଜେପିରେ ବଡ଼ଫାଟ। ବିଧାୟକଙ୍କ କାର୍ଯ୍ୟରେ ଅସନ୍ତୁଷ୍ଟ ହୋଇ ରାଜ୍ୟ ସଭାପତିଙ୍କ ଠାରେ ବିଜେପି କର୍ମୀ ଅଭିଯୋଗ କରିଛନ୍ତି। ଦଳୀୟ ସଙ୍ଗଠନ ଓ ଦଳର କର୍ମୀଙ୍କୁ ବିଧାୟକ ଗୁରୁତ୍ୱ ଦେଉନଥିବା ବେଳେ ନିର୍ଦ୍ଦିଷ୍ଟ ଜଣେ ଠିକାଦାରଙ୍କ ଠାରେ ବିକ୍ରୀ ହୋଇସାରିଥିବା ଅଭିଯୋଗ ଆଣିଛନ୍ତି ବିଜେପି କର୍ମୀ। ସବୁଠାରୁ ଗୁରୁତର ବିଷୟ ହେଉଛି ଅଭିଯୋଗ ଆଣିଥିବା ବିଜେପି ନେତା ହେଉଛନ୍ତି ବିଜେପି ସାଂସଦ ସଙ୍ଗିତା କୁମାରୀ ସିଂହଦେଓଙ୍କ ଲୋଇସିଂହା ବ୍ଲକ ପ୍ରତିନିଧି। କିଛି ଏହିଭଳି ଅଭିଯୋଗ ସାମ୍ନାକୁ ଆସିବା ପରେ ଦଳର ଫାଟ ଏବେ ସ୍ପଷ୍ଟ ହୋଇଛି। ଲୋଇସିଂହା ନିର୍ବାଚନମଣ୍ଡଳୀରେ ବିଜେପି ବିଧାୟକ ଡ. ମୁକେଶ ମହାଲିଙ୍ଗ ଓ ସାଂସଦ ସଙ୍ଗିତା କୁମାରୀ ସିଂହଦେଓଙ୍କ ମଧ୍ୟରେ ରହିଥିବା ଫାଟ ସମସ୍ତେ ଜାଣନ୍ତି। ଏହି ଫାଟ ଏବେ ହାଟରେ ପଡ଼ି ଦାଣ୍ଡରେ ଗଡ଼ୁଛି। ବିଜେପିର କର୍ମୀମାନେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କୁ ଭେଟି ବିଧାୟକଙ୍କ କାର୍ଯ୍ୟକଳାପକୁ ନେଇ ଅସନ୍ତୁଷ୍ଟ ପ୍ରକାଶ କରିଛନ୍ତି।



## ବିଧାୟକ ବିରୋଧରେ କର୍ମୀ

## ଭାଇ ଓ ସମ୍ପର୍କୀୟ ଜରିଆରେ ଚାଲିଛି କାରବାର

ଆଗଲପୁର ଓ ଲୋଇସିଂହା ବ୍ଲକ ବିଜେପି ପକ୍ଷରୁ ଦିଆଯାଇଥିବା ଏହି ଅଭିଯୋଗପତ୍ରରେ ବିଧାୟକ ଶ୍ରୀ ମହାଲିଙ୍ଗ ଦଳର ସଙ୍ଗଠନ କି ଦଳର କର୍ମୀମାନଙ୍କୁ ଗୁରୁତ୍ୱ ଦେଉ ନ ଥିବା କହିଛନ୍ତି। ବିଧାୟକ ହେବାପରେ ଆଜିପର୍ଯ୍ୟନ୍ତ ସେ କର୍ମୀ ସମ୍ମିଳନୀ ଟିଏ ମଧ୍ୟ ଆୟୋଜନ କରିନାହାନ୍ତି। ଅଞ୍ଚଳର ଉନ୍ନତି ପାଇଁ ଆସୁଥିବା ବିଧାୟକ ପାଣ୍ଠି, ବିଜୁ କେବିକେ, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠି, ଏହିଭଳି ଅନେକ ପାଣ୍ଠିର କାମ ସେ ନିର୍ଦ୍ଦିଷ୍ଟ ଜଣେ ଠିକାଦାର ରାଧେଶ୍ୟାମ ପଧାନଙ୍କଠାରେ ୧୦ ପ୍ରତିଶତ ପିସି ନେଇ ବିକ୍ରି କରୁଥିବା ଅଭିଯୋଗ କରିଛନ୍ତି। ଏହି କାରବାରରେ ତାଙ୍କଭାଇ ସୁରେଶ ମହାଲିଙ୍ଗ ଓ ସମ୍ପର୍କୀୟ ନେହେରୁ ବାଗଙ୍କ ଜରିଆରେ ସେ କରୁଥିବାରୁ ନିର୍ବାଚନମଣ୍ଡଳୀର ସଂଗଠନ ଭୁଶୁଡ଼ିଥିବା ରାଜ୍ୟ ସଭାପତିଙ୍କୁ ଜଣାଇଛନ୍ତି। ଏହି ଅଭିଯୋଗପତ୍ର ସାଂସଦ ସଙ୍ଗିତା କୁମାରୀ ସିଂହଦେଓଙ୍କ ଲୋଇସିଂହା ପ୍ରତିନିଧି ବାଳକୃଷ୍ଣ ଧରୁଆ, ଆଗଲପୁର ପ୍ରତିନିଧି ଉମେଶ ପଟେଲ ସହ ଅନ୍ୟ ବିଜେପି କର୍ମକର୍ତ୍ତା ଉଦେଇଥିବା ଜଣାପଡ଼ିଛି। ତେବେ ଏହା ଦଳର ସ୍ଥିତିକୁ ବୟାନ କରୁଥିବା ବେଳେ ବିଧାୟକଙ୍କ ବିରୋଧରେ କର୍ମୀଙ୍କ ବିଷୋଦଗାର ଏବେ ଚର୍ଚ୍ଚାର ବିଷୟ ପାଲଟିଛି।

## ସଡ଼କ ଦୁର୍ଘଟଣାରେ ଦୁଇ ମୃତ

**ବଲାଙ୍ଗିର, ୧୬ ।୨(ସମିସ):** ବଲାଙ୍ଗିର-ସୋନପୁର ଜାତୀୟ ରାଜପଥସ୍ଥିତ ମଳମୁଣ୍ଡା ଛକ ନିକଟରେ ଅଜଣା ଗାଡି ଧକ୍କାରେ ଦୁଇଜଣଙ୍କ ଜୀବନ ଯାଇଛି। ମୃତକ ଦୁଇଜଣ ହେଲେ ଛତାପିପଲ ଗାଁର ଖଗେଶ୍ୱର ଦୀପ ଓ ତାଲପାଲି ଗାଁର ସଚିକାନ୍ତ ନାଗ। ଗତକାଲି ରାତିରେ ସେମାନେ ବଲାଙ୍ଗିରରୁ ନିଜ ଗାଁ କୁ ଫେରୁଥିଲେ। ମଳମୁଣ୍ଡା ନିକଟରେ ଉଭୟ ବାଇକ ରଖି ପରିସ୍ରା କରୁଥିବା ସମୟରେ ଏକ ଅଜଣା ଗାଡି ଧକ୍କାଦେଇ ଫେରାର ମାରିଥିଲା। ପୁଇଁତଲା ପୁଲିସ ଉଭୟଙ୍କୁ ଉଦ୍ଧାର କରି ବଲାଙ୍ଗିର ହସ୍‌ପିଟାଲକୁ ଆଣିଥିଲା। ହସ୍‌ପିଟାଲରେ ଡାକ୍ତର ମୃତ ଘୋଷଣା କରିଥିଲେ। ଶବ ବ୍ୟବଚ୍ଛେଦ ପରେ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା।

■ ଗ୍ୟାସ୍ ବିସ୍ଫୋରଣ ଘଟଣା

## ୪ରେ ପହଞ୍ଚିଲା ମୃତ୍ୟୁସଂଖ୍ୟା, କ୍ଷତିପୂରଣ ଦାବିରେ ରାସ୍ତାରୋକ

**ବେଲପଡ଼ା, ୧୬ ।୨(ସମିସ):** ବଲାଙ୍ଗିର ଜିଲ୍ଲା ବେଲପଡ଼ା ବ୍ଲକ କାନୁଟ ଗାଁରେ ଗ୍ୟାସ ବିସ୍ଫୋରଣ ଘଟଣାରେ ଗୋଟିଏ ପରିବାରର ୩ ଜଣ ଏବଂ ଜଣେ ପୋଡ଼ଶୀର ମୃତ୍ୟୁ ଘଟିଛି। ପୂର୍ବରୁ ଭାନୁମତି ଅଦାବରିହାଙ୍କ ମୃତ୍ୟୁ ଘଟିଥିବାବେଳେ ଶୁକ୍ରବାର ମହେଶ ଅଦାବରିହା, ଭୈରବୀ ଅଦାବରିହା, ମାଳତୀ ମହାକୁଡ଼ଙ୍କ ମୃତ୍ୟୁ ଘଟିଛି। ତେବେ ଏତେ ବଡ଼ ଦୁର୍ଘଟଣା ପରେ ବି ପ୍ରଶାସନ ପରିବାର ଲୋକଙ୍କୁ ସାହାଯ୍ୟ କରୁ ନ ଥିବାରୁ ଆଜି ଗାଁର ଯୁବକମାନେ ସରପଞ୍ଚଙ୍କ ନେତୃତ୍ୱରେ ଭିକ୍ଷା ମାଗିଛନ୍ତି। ଘର ଘର ବୁଲି ୪୫ ହଜାର ଟଙ୍କା ମାଗିବା ପରେ ଦୁର୍ଘଟଣାରେ ଶିକାର ହୋଇଥିବା ପରିବାର ଲୋକଙ୍କୁ ଦେଇଥିଲେ। ଅନ୍ୟପଟେ ପ୍ରଶାସନ କି ରାଜନେତା ଙ୍କ ଦେଖା ମିଳୁ ନ ଥିବାରୁ ଉତ୍ତ୍ୟକ୍ତ ହୋଇ କାନୁଟ ବସ୍‌ଷ୍ଟାଣ୍ଡ ନିକଟରେ ବଲାଙ୍ଗିର -କଣ୍ଟାବାଞ୍ଜି ରାସ୍ତାକୁ ଅବରୋଧ କରିଥିଲେ। ପରିବାରକୁ କ୍ଷତିପୂରଣ ଦେବାକୁ ପ୍ରଶାସନ ପାଖରେ ଗୁହାରି କରିଥିଲେ। ବେଲପଡ଼ା ବିଡିଓ ରାଜେଶ, ତହସିଲଦାର ବନ ବିହାରୀ ହରପାଳ ପହଞ୍ଚି ବୁଝାସୁଝା କରିବାପରେ ରାସ୍ତାରୋକରୁ ଓହରିଥିଲେ। ଶବ ଆଣିବାକୁ ପରିବାର ପକ୍ଷରୁ ସମ୍ଭବ ନ ଥିବାରୁ ଆମ୍ବୁଲାନ୍ସ ଯୋଗେ ଗାଁ କୁ ଶବ ଆସିବ ବୋଲି ତହସିଲଦାର ସୂଚନା ଦେଇଛନ୍ତି।

**ଗାଁରେ ଭିକ୍ଷା ମାଗି ପରିବାରକୁ ଟଙ୍କା ଦେଲେ**

## ପୂର୍ବଶତ୍ରୁତାରୁ ଗଣ୍ଡଗୋଳ, ଜାଳିଦେଲେ ଦୁଇଟି ବୁଲେଟ

**ବଲାଙ୍ଗିର, ୧୬।୨(ସମିସ):** ବଲାଙ୍ଗିର ଜିଲ୍ଲା ପୁଇଁତଲା ଥାନା ଅଧୀନ ସାନବୁର୍କାବାହାଲ ଗ୍ରାମରେ ଗଣ୍ଡଗୋଳ ଘଟି ଦୁଇଟି ବୁଲେଟ ଗାଡିକୁ ପୋଡି ଦିଆଯାଇଛି। ପାଞ୍ଚଜଣ ବ୍ୟକ୍ତିଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିବାବେଳେ ଦୁଇଜଣଙ୍କର ବୁଲେଟ ଗାଡି ପୋଡ଼ାଯାଇଛି। ଅପରପକ୍ଷେ ଆକ୍ରମଣର ଶିକାର ହୋଇଥିବା ବ୍ୟକ୍ତି ପୁଇଁତଲା ଥାନାରେ ଏତଲ ଦେଇଛନ୍ତି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସାନବୁର୍କାବାହାଲ ଗାଁର ଲମ୍ବୋଦର ସୁନାଙ୍କୁ ଉକ୍ତ ଗ୍ରାମର ଟିକୁ ଜାନୀ, ଖୁଜେନପାଲିର ଶ୍ରୀତମ ଓ ଅନ୍ୟ ଦୁଇ ଜଣ ଯୁବକ ମିଶି ଆକ୍ରମଣ କରିଥିଲେ। ଆକ୍ରମଣରେ ଲମ୍ବୋଦର ସୁନାଙ୍କ ମୁଣ୍ଡ ଯାଇଥିଲା। ସେ ଚିକିତ୍ସିତ ହେବା ପରେ ଥାନାକୁ ଆସି ଏତଲା ଦେଇଥିବା କହିଥିଲେ। କିନ୍ତୁ ଟିକୁ ଜାନୀ ଓ ଶ୍ରୀତମଙ୍କ ଦୁଇଟି ବୁଲେଟ ବାଇକକୁ କେହି ପୋଡି ଦେଇଥିବା ଦେଖିବାକୁ ମିଳିଥିଲା। ଏନେଇ ପୁଇଁତଲା ଥାନାରେ ଏତଲା ହୋଇଥିବାବେଳେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## ଜଙ୍ଗଲ ଅଧିକାର ମଞ୍ଚ ପକ୍ଷରୁ ବ୍ଲକ୍ ସମ୍ମୁଖରେ ଧାରଣା

**ମୁରିବାହାଲ, ୧୬ ।୨(ସମିସ):** ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଜିନ୍ଦାବାଦ ସଂଗଠନ ପକ୍ଷରୁ ଭୂମି ଅଧିକାର ଆନ୍ଦୋଳନରେ ଦେଶ ବ୍ୟାପୀ ଆନ୍ଦୋଳନ ଡାକରାର ସମର୍ଥନ ରେ ମୁରିବାହାଲ ବ୍ଲକ ସମ୍ମୁଖରେ ଗଣଧାରଣା ଓ ପ୍ରତିବାଦ ସଭା ସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କ ଜରିଆରେ ୧୧ ଦଫା ଦାବିପତ୍ର ପ୍ରଦାନ କରିଛନ୍ତି। ମୁରିବାହାଲ ବିଡିଓ ଅନୁପସ୍ଥିତ ଥିବାରୁ ମୁଖ୍ୟକିରାଣି ବିଭୂତିସେଠ ଦାବିପତ୍ର ଗ୍ରହଣ କରିଥିଲେ। ଏହି ପରିପେକ୍ଷୀରେ ଜିନ୍ଦାବାଦ ସଂଗଠନର ୫୦୦ରୁ ଉର୍ଦ୍ଧ୍ୱ ପୁରୁଷ ଏବଂ ମହିଳା ମୁରିବାହାଲ ସାପ୍ତାହିକ ବଜାରଠାରୁ ଏକ ଶୋଭାଯାତ୍ରାରେ ବାହାରି ବିଭିନ୍ନ ସ୍ଲୋଗାନ ଦେଇ ମୁରିବାହାଲ ବ୍ଲକ ସମ୍ମୁଖରେ ପହଞ୍ଚିଥିଲେ। ଦାବିଗୁଡିକ ମଧ୍ୟରେ ଅନୁସୂଚିତ ଜନଜାତି ଓ ଅନ୍ୟାନ ପାରମ୍ପରିକ ବନବାସୀଙ୍କ ଆଇନ ୨୦୦୬ ଓ ସଂଶୋଧିତ ନିୟମ ୨୦୧୨ ତଥା ମୋ ଜଙ୍ଗଲ ଜମି ଯୋଜନାକୁ ସଠିକ ଭାବରେ କାର୍ଯ୍ୟକାରୀ କରାଯାଉ, ଆଦିବାସୀ ଏବଂ ଜଙ୍ଗଲବାସୀଙ୍କ ନାମରେ କରାଯାଉଥିବା ଜଙ୍ଗଲ ଏବଂ ଜୀବିକା ସମ୍ପର୍କୀୟ କେସ୍ ଗୁଡ଼ିକ ପତ୍ୟାହାର କରାଯାଉ, ଜଙ୍ଗଲ ଅଧିକାର କମିଟିକୁ ତାଲିମ ଦିଆଯାଉ, ଲେବର କୋର୍ଡକୁ ବାତିଲ କରାଯାଉ,



ଅନ୍ୟନ୍ୟ ପାରମ୍ପରିକ ବନବାସୀ (ଏସି, ଓବିଶି, ) ମାନଙ୍କର ଦାବି ଗ୍ରହଣ କରି ପଟା ପ୍ରଦାନ କରାଯାଉ ଇତ୍ୟାଦି ଦବି ରହିଛି। ଏଥିରେ ଜିଲ୍ଲା ସଂଗଠନର ସଭାପତି ତ୍ରିଲୋଚନ ପୁଞ୍ଜି, ଜିନ୍ଦାବଦ୍ ସଙ୍ଗଠନ ମୁରିବାହାଲ ବ୍ଲକ ସଭାପତି ସଦାନନ୍ଦ ଧରୁଆ, ସମ୍ପାଦକ କେଶବ ଧରୁଆ, ସଭ୍ୟ ଧନମତ ପାତ୍ର, ଗୁପ୍ତେଶ୍ୱର ଭୋଇ, ଜିରେ ଭୋଇ, ବୈଜନ୍ତି ପ୍ରଧାନୀ, ଡମ୍ବରୁ ବାଗ, କୁମର ଧରୁଆ, ଶୁଭକାନ୍ତି ମାଝୀ, କେଶରୀ ଧରୁଆ, ଟଙ୍କ ଶବର, ରଘୁନାଥ ଶବର, ଦେବାରଚନ୍ଦ ଛୁରା, ପାର୍ଥକଅଁର, ପାର୍ବତୀ ଧରୁଆ, କୁମାରୀ ପରାଭୋଏ ପ୍ରମୁଖ ସାମିଲ ଥିଲେ।

## ସିରୋଲରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ

**ମୁରିବାହାଲ, ୧୬ ।୨(ସମିସ):** ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ସିରୋଲ ପଞ୍ଚାୟତ ସଦରମହକୁମାଠାରେ ଆୟୋଜିତ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବରେ ହଂସରାଜ ଜୈନ, ସମ୍ମାନିତ ଅତିଥି ପୂର୍ବତନ ବ୍ଲକ ଅଧକ୍ଷ୍ୟା ଲଳିତା ଦେବୀ ଜୈନ, ଅନ୍ୟତମ ଅତିଥି ସରପଞ୍ଚ ଲୋଚନା ବଗର୍ତ୍ତୀ, ଗଙ୍ଗାଧର ଛତର ଏବଂ ଅନ୍ୟାନ୍ୟ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଲମ୍ବୁଧର ବଗର୍ତ୍ତୀ, ଶ୍ରୀପତି ବଗର୍ତ୍ତୀ, ନରେନ୍ଦ୍ର ମହାରଣା, ହୁତାସନ ଛୁରା, ଇଷ୍ଟମ ପୂଝରୀ, ପିଣ୍ଟୁ ଦୀପ, ପାର୍ଥ ପ୍ରଧାନୀ ସହିତ ସମସ୍ତ ପଞ୍ଚାୟତ ନିବାସୀ ଉପସ୍ଥିତ ଥିଲେ। ସିରୋଲ ପଞ୍ଚାୟତର ସମସ୍ତୱାର୍ଡ ମେମ୍ବର, ସମସ୍ତ ମହିଳା ସ୍ୱୟଂସହାୟିକା ଗୋଷ୍ଠୀ ଓ ବିଜୁ ଜନତା ଦଳର ହଜାରହଜାର ସଂଖ୍ୟାରେ କର୍ମୀ ଉପସ୍ଥିତ ଥିଲେ।




## 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ




**ଖପ୍ରାଖୋଲ, ୧୬ ।୨(ସମିସ):** ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ଅଧୀନ ନାନ୍ଦୁପାଲାଠାରେ ପଞ୍ଚାୟତସ୍ତରୀୟ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ସ୍ଥାନୀୟ ସରପଞ୍ଚ ନିଲେନ୍ଦ୍ରି ପୁଜାରୀ ଅଧକ୍ଷତା କରିଥିବାବେଳେ ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷା ନିରୁପମା ପଟେଲ, ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧକ୍ଷ ସୁଖ୍ରାମ୍ ସାଣ୍ଡ, ପଞ୍ଚାୟତ ନିର୍ବାହୀ ଅଧିକାରୀ କ୍ଷୀରଧର ବରିହା, ଧଣ୍ଡାମୁଣ୍ଡା ସରପଞ୍ଚ ବୈଦ୍ୟନାଥ ମିଶ୍ର, ମହରାପଦର ସରପଞ୍ଚ ସୁମତି ପଧାନ, ଯୁବନେତା ପବିତ୍ର ପଟେଲ ପ୍ରମୁଖ ଯୋଗଦେଇ ଥିଲେ। ଏହି ଅବସରରେ ବିଭିନ୍ନ ବିଭାଗ ତରଫରୁ ସଫଳ ପ୍ରଦର୍ଶନୀ ପ୍ରଦର୍ଶିତ ହୋଇଥିଲା। ଏସଏଚ୍‌ଜି ମହିଳାଙ୍କ ଦ୍ୱାରା ବିଭିନ୍ନ ପିଠା ପ୍ରଦର୍ଶିତ ହୋଇଥିଲା। ଏହି ଅବସରରେ ଜିଆର ଏସ୍ ସଡାନନ୍ ମାଝୀ, ପିତାମ୍ବର ମହାକୁର, ରୋହିତ ଭୋଇ ପ୍ରମୁଖ ଉପସ୍ଥିତ ରହିଥିଲେ।

ଯୁବକଙ୍କ ମୋବାଇଲରେ ସନ୍ଦେହଜନକ ମେସେଜ

# ରେଲଷ୍ଟେସନରୁ ନାବାଳିକା ଉଦ୍ଧାର

**ବଲାଙ୍ଗିର, ୧୬।୨(ସମିସ)**

ଶୁକ୍ରବାର ମଧ୍ୟାହ୍ନରେ ବଲାଙ୍ଗିର ରେଳବାଇ ପୁଲିସ ଜଣେ ନାବାଳିକାଙ୍କୁ ଉଦ୍ଧାର କରିବା ସହିତ ଜଣେ ସନ୍ଦିଗ୍ଧ ଯୁବକଙ୍କୁ ଅଟକ ରଖିଥିଲା। ଯୁବକ ଜଣକ ଯୁବତୀଙ୍କୁ ଜାଣିଛି ବୋଲି କହୁଥିଲା। କିନ୍ତୁ ଯୁବକର ମୋବାଇଲ ଯାଞ୍ଚ କରିବାରୁ ରେଳବାଇ ପୁଲିସ ଯାହା ଦେଖିଲା ତାହା ଚାଞ୍ଚଲ୍ୟକର। ଯୁବକଙ୍କ ମୋବାଇଲରୁ ମେସେଜ ଯାଇଥିଲା 'ଲୋଣ୍ଡିୟା କୋ କାହାଁ ଲାଉଁ '। ଏଭଳି ମେସେଜ ଯୁବତୀ ଚାଲାଣ କାରବାର ଆଡକୁ ସନ୍ଦେହ ଘନୀଭୂତ କରିଥିଲା।

ଟିଟିଲାଗଡ଼ ରେଲଷ୍ଟେସନରୁ ଜଣେ ନାବାଳିକାକୁ ଉଦ୍ଧାର କରିଛି ରେଳବାଇ ପୁଲିସ। ଏହି ଘଟଣାରେ ଜଣେ ଯୁବକଙ୍କୁ ଅଟକ ରଖାଯାଇଛି। ଯୁବକ ଜଣକ ଉତ୍ତରପ୍ରଦେଶ ର ଲଖିମ୍‌କ୍ଷେରୀ ଜିଲ୍ଲା ସ୍ଥିତ ନିଗାସାନ ଥାନା ଅର୍ନ୍ତଗତ ମୁଦିଆବଲାହା ଗ୍ରାମର ମୋନୁ କୁମାର(୨୧)। ସେ ତାମିଲନାଡୁରେ କାମ କରୁଥିବା ଜଣାପଡ଼ିଥିବାବେଳେ ଉଦ୍ଧାର ନାବାଳିକା



ଦେଓଗାଁ ଥାନା ଅର୍ନ୍ତଗତ ବରକାନୀ ଅଞ୍ଚଳର ବୋଲି ଜଣାପଡ଼ିଛି। ରେଳବାଇ ପୁଲିସ ତରଫରୁ ମିଳିଥିବା ସୂଚନା ଅନୁସାରେ ଶୁକ୍ରବାର ମଧ୍ୟାହ୍ନରେ ଟିଟିଲାଗଡ଼ ରେଳ ଜଙ୍କସନର ପ୍ଲାଟଫର୍ମ ୧ ର ଶେଷ ଆଡକୁ ଜଣେ ଝିଅ ଓ ପୁଓ ଶୋଇଥିବା କାର୍ଯ୍ୟରତ ପୁଲିସ କର୍ମଚାରୀ ମାନେ ଦେଖିଥିଲେ। ଝିଅଟି ମୁହଁକୁ ଘୋଡାଇଥିଲା। ପୁଲିସ କର୍ମଚାରୀ ସେମାନଙ୍କୁ ସନ୍ଦେହ କରି ପଚାରିଥିଲା। ତେବେ ପୁଅଟି ହିନ୍ଦୀ କହୁଥିବାବେଳେ ଝିଅ ଓଡ଼ିଆ କହୁଥିଲା। ସନ୍ଦେହ ଘନୀଭୂତ ହେବାରୁ ସେମାନଙ୍କୁ ବଲାଙ୍ଗିର ରେଳବାଇ ଥାନାକୁ ଅଣାଯାଇଥିଲା। ସେମାନଙ୍କୁ ପଚରାଉଚୁରା ସମୟରେ ସନ୍ତୋଷଜନକ ଉତ୍ତର ନ ମିଳିବାରୁ ଯୁବକର ମୋବାଇଲ ଯାଞ୍ଚ କରାଯାଇଥିଲା। ସେହି ମୋବାଇଲରୁ କୌଣସି ବ୍ୟକ୍ତିଙ୍କୁ ମେସେଜ ଯାଇଥିଲା 'ଲୋଣ୍ଡିୟା କୋ କାହାଁ ଲାଉଁ ବତାଓ ଦାଦା'। ଏଭଳି ମେସେଜ ଦେଖି ମାନବ ଚାଲାଣ ବୋଲି ସନ୍ଦେହ କରିଥିଲା ରେଳବାଇ ପୁଲିସ। ସଙ୍ଗେସଙ୍ଗେ ଶିଶୁ ସୁରକ୍ଷା ୟୁନିଟକୁ ଖବର ଦେଇ ନାବଳିକାକୁ ଉଦ୍ଧାର କରାଯାଇଥିଲା। ତେବେ ଯୁବକଙ୍କୁ ଅଟକ ରଖି ଅଧିକ ପଚରାଉଚୁରା ଚାଲିଛି। ଯୁବକ ଜଣକ ବିବାହ ପ୍ରତିଶ୍ରୁତି ଦେଇ ନାବାଳିକାକୁ ନେଉଥିବା ତଦନ୍ତ ରୁ ଜଣାପଡ଼ିଥିବା ରେଳବାଇ ପୁଲିସ ଇନ୍ସପେକ୍ଟର ପ୍ରକାଶ କରିଛନ୍ତି। ଅଧିକ ତଦନ୍ତ ପରେ ସମ୍ପୂର୍ଣ୍ଣ ଘଟଣା ସମ୍ପର୍କରେ ଜଣାପଡ଼ିବ ବୋଲି ପ୍ରକାଶ କରିଛନ୍ତି।

## ଆମ୍ରପାଲି ହାଇସ୍କୁଲରେ ବିଦାୟ ସମ୍ବର୍ଦ୍ଧନା

**ସଇଁନ୍ତଳା, ୧୬ ।୨(ସମିସ):** ସଇଁନ୍ତଳା ବ୍ଲକ ଆମ୍ରପାଳି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ନେଇ ବନ୍ଧୁମିଳନ ଓ ବିଦାୟ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଛି। ସ୍କୁଲର ପ୍ରଧାନଶିକ୍ଷକ ବିଜୟ କୁମାର ବାଗ୍‌ଙ୍କ ଅଧକ୍ଷତାରେ ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସ୍କୁଲର ଛାତ୍ରଛାତ୍ରୀଙ୍କ ଦ୍ୱାରା ସଂକୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାଜକିଶୋର କୁଅଁର ମଞ୍ଚ ପରିଚାଳନା କରିଥିବାବେଳେ ସ୍କୁଲର ଶିକ୍ଷକ ସୁଶୀଲ ଭୋଇ, କ୍ଷେତ୍ର ମେହେର, ପର୍ଶୁରାମ ପୁଟେଲ, ଛନ୍ଦାଚରଣ ସୁନା, ରାଜ ବିହାରୀ ବନଛୋର, ଚକ୍ରଧର ବାଗ, ବୈଚନ୍ଦ୍ର ମହାନନ୍ଦ, ଗନ୍ଧର୍ବ ଗହୀର ଓ ଦେବରାଜ ଭୋଇ ପ୍ରମୁଖ ସହଯୋଗ କରିଥିଲେ।

## ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

**ବଲାଙ୍ଗିର, ୧୬।୨(ସମିସ):** ବଲାଙ୍ଗିର ସଦର ବ୍ଲକ ଶିବତଲାସ୍ଥିତ ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସପ୍ତାହବ୍ୟାପି ଚାଲିଥିବା ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଛି। ଅଧକ୍ଷ କୃପାସିନ୍ଧୁ ଯୋଷୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ଅଧ୍ୟାପକ ବିରେନ୍ଦ୍ର ଗଡ଼ୁଆ, ଶତ୍ରୁଘନ ସାହୁ, ଅଧ୍ୟାପିକା ସବିତା ଦାଶ ପ୍ରମୁଖ ଯୋଗଦାନ କରି ଆତ୍ମସୁରକ୍ଷା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ନୋଡାଲ ଅଫିସର ତଥା ଅଧ୍ୟାପକ ସୁବ୍ରତ କୁମାର ତ୍ରିପାଠି ସଭା କାର୍ଯ୍ୟ ପରିଚାଳନା କରିଥିଲେ। ପ୍ରଶିକ୍ଷିକା ପ୍ରିୟଙ୍କା ମିଶ୍ର ସପ୍ତାହବ୍ୟାପି ଛାତ୍ରୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ।

# ଅଡ୍ରି 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମରେ ବିଧାୟକ

**ଥୁଆମୂଳ ରାମପୁର,୧୬।୨(ସମିସ):** ଥୁଆମୂଳ ରାମପୁର ବ୍ଲକ ଅଡ୍ରି ପଞ୍ଚାୟତରେ 'ଆମ ଓଡିଶା ନବୀନ ଓଡିଶା' ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଡ୍ରି ସରପଞ୍ଚଙ୍କ ନାହାଇ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ ବିଧାୟକ ପ୍ରଦୀପ ଦିଶାରୀ, ସମ୍ମାନିତ ଅତିଥି ଭାବେ ଥୁଆମୂଳ ରାମପୁର ପଞ୍ଚାୟତସମିତି ଅଧ୍ୟକ୍ଷ ଦୟାନିଧି ମାଝୀ, ବିଧାୟକ ପ୍ରତିନିଧି ମାଣିକ୍ୟଚନ୍ଦ୍ର ନାଏକ, ଜିଲ୍ଲା ପରିଷଦ ସଦସ୍ୟା ପ୍ରମିଳା ମାଝୀ, ସମିତିସଭ୍ୟ ରାମ ମାଝୀ, କପିଳାସ ନାଏକ, କୃଷ୍ଣଚନ୍ଦ୍ର ସାହୁ, ଗୋବିନ୍ଦ ପ୍ରଧାନୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଆଦର୍ଶ ଅଙ୍ଗନବାଡି, ଆଶା କର୍ମୀ ସମାଜସେବୀ ତଥା ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ବିଭିନ୍ନ ବିଭାଗର ସଚେତନତା ପ୍ରଦର୍ଶନୀ ଷ୍ଟଲ ଲାଗିଥିଲା। ପଞ୍ଚାୟତର ଶତାଧିକ ଲୋକେ ଉପସ୍ଥିତ ରହିଥିଲେ। ନୋଡାଲ ଅଧିକାରୀ ତଥା କନିଷ୍ଠ ଯନ୍ତ୍ରୀ ମଳୟ ଶତପଥିଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ପଞ୍ଚାୟତର ନିର୍ବାହୀ ଅଧିକାରୀ ଜୟନ୍ତ ପଟେଲ। ମଞ୍ଚ ପରିଚାଳନା କରିଥିଲେ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ରଶ୍ମିରଞ୍ଜନ ପଟ୍ଟନାୟକ। ପଞ୍ଚାୟତର ଗ୍ରାମରୋଜଗାର ସେବକଙ୍କ ସମେତ ଉକ୍ତ ପଞ୍ଚାୟତର ସମସ୍ତ ୱାର୍ଡସଭ୍ୟ ସହଯୋଗ କରିଥିଲେ।




# ବାଇକ୍ ଦୁର୍ଘଟଣାରେ ଯୁବକ ମୃତ, ଜଣେ ଗୁରୁତର

**ନୂଆପଡ଼ା, ୧୬ ।୨(ସମିସ)**

ନୂଆପଡ଼ା ଜିଲ୍ଲା କୋମନା ଥାନା ଠୋଙ୍ଗୋ ଗାଁ ନିକଟରେ ବାଇକ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ମୃତ ଯୁବକ ଇଚ୍ଛାପୁର ଗାଁର ପଞ୍ଚୁବନ ଛତ୍ରିଆ(୩୨) ଓ ଗୁରୁତର ଯୁବକ ତପନ ପ୍ରଧାନ(୩୦)। ଏବେ ଶବ ବ୍ୟବଚ୍ଛେଦ ହୋଇ ନଥିବାରୁ ପରିବାର ଲୋକେ ରାତିରେ ଜଗି ରହିଛନ୍ତି।

ମଧ୍ୟାହ୍ନରେ ଇଚ୍ଛାପୁର ଗାଁରୁ ଏକ ବାଇକରେ ଖମବାହୀ ଗାଁକୁ କୁଆଁରୀବ୍ରତ ଉତ୍ସବରେ ଯୋଗ ଦେବାକୁ ଯାଉଥିଲେ। ଠୋଙ୍ଗୋ ଗାଁର କେନାଲ ରାସ୍ତାରେ ବାଇକ ଭାରସାମ୍ୟ ହରାଇ ଦୁଇଜଣ ବାଇକ ଆରୋହୀ ଛିଟିକି ପଡିଥିଲେ। ସ୍ଥାନୀୟ ଲୋକେ ଦୁଇ ଜଣ ଯୁବକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଆମ୍ବୁଲାନ୍ସରେ ନୂଆପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଅପରାହ୍ନ ୨ଟାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପୁବନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟଜଣେ ଗୁରୁତର ତପନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଛନ୍ତି। ଏନେଇ ପରିବାର ଲୋକେ କୋମନା ପୁଲିସକୁ ଖବର ଦେଇଥିଲେ ବି ପୁଲିସ ହସ୍ପିଟାଲରେ ପହଞ୍ଚି ନଥିଲା। ଶନିବାର ଶବବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୁଲିସ ସୂଚନା ଦେଇଛି। ମୃତକ ଯୁବକଙ୍କ ବାପା ଓ ମା' ଶଯ୍ୟାଶାୟୀ ହୋଇଥିବାବେଳେ ସମ୍ପର୍କୀୟମାନେ ମୃତଦେହକୁ ଜଗି ରହିଛନ୍ତି। ଅପରାହ୍ନ ୪ଟାରେ ଜିଲ୍ଲା ସାମ୍ବାଦିକ ସଂଘ ଜାନ ସଭାପତି ଘନଶ୍ୟାମ ଭୋଇ କୋମନା ଆଇଆଇସି ସୁମନ୍ତ ନାଏକଙ୍କୁ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଅନୁରୋଧ କରିଥିଲେ। କୋମନା ଆଇଆଇସି ଶ୍ରୀ ନାଏକ ରୋକଠୋକ ଅଗ୍ରାହ୍ୟ କରିବା ପରେ ଗଣମାଧ୍ୟମ ପ୍ରତିନିଧି ଅତିରିକ୍ତ ଏସପି ଇନ୍ଦ୍ରମଣୀ ବେହେରାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସନ୍ଧ୍ୟା ୬ଟାରେ ତରବୋଡ ଫାଣ୍ଡି ପୁଲିସ ମୃତଦେହକୁ ଜବତ କରି ତଦନ୍ତ ଆରମ୍ଭ କରିଥିଲା। ଏନେଇ ଜାନ ସଭାପତି ଶ୍ରୀ ଭୋଇ ସିଏମଓ ଓଡିଶା, ମୋ ସରକାର ୫-ଟି ଓ ନୂଆପଡ଼ା ଏସପି ଟୁଇଟ କରି ଜଣାଇଛନ୍ତି। ଜରୁରିକାଳୀନ ସେବାରେ ରାତିରେ ବ୍ୟବଚ୍ଛେଦ କରିବାର ନିୟମ ରହିଛି। ତଥାପି ଗାଁ ଗହଳିର ନିରୀହ, ସରଳ ଲୋକଙ୍କୁ ଅଯଥାରେ ହଇରାଣ ହରକତ କରୁଥିବା ଅଭିଯୋଗ ହୋଇଛି।

**ହୋଇପାରିଲାନି ଶବ ବ୍ୟବଚ୍ଛେଦ**

■ ନୂଆପଡ଼ା ବ୍ଲକ୍

# ୧୭ ଭିନ୍ନକ୍ଷମଙ୍କୁ ସ୍କୁଟି ସହ କ୍ରୀଡ଼ା ସାମଗ୍ରୀ ବଣ୍ଟନ



**ନୂଆପଡ଼ା,୧୬।୨(ସମିସ):** ସଦର ବ୍ଲକ କାର୍ଯ୍ୟାଳୟରେ ବ୍ଲକର ୩୧ଟି ପଞ୍ଚାୟତରେ ୭୭.୫ ଲକ୍ଷ ଟଙ୍କାର କ୍ରୀଡା ସାମଗ୍ରୀ ବଣ୍ଟନ ହୋଇଛି। ରାଜ୍ୟ ସରକାରଙ୍କ ଯୋଜନା ଓ ସଂଯୋଜନା ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ବଣ୍ଟନ କରିଛନ୍ତି ଏହି ଖେଳ ସାମଗ୍ରୀ। କୋମନା ବ୍ଲକର ୮ ଓ ନୂଆପଡ଼ାର ୯ ଜଣ ସମେତ ମୋଟ ୧୭ ଜଣ ଭିନ୍ନକ୍ଷମଙ୍କୁ ସ୍କୁଟି ପ୍ରଦାନ କରିଛନ୍ତି। ନୂଆପଡ଼ା ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଯୋଜନା ଓ ସଂଯୋଜନା ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ମୁଖ୍ୟଅତିଥି, ଜିଲ୍ଲା କ୍ରିକେଟ ସଂଘ ସାଧାରଣ ସମ୍ପାଦକ ସରୋଜ ସାହୁ, ବିଧାୟକ ପ୍ରତିନିଧି ଜୟ ଢୋଲକିଆ, ଆମ ଓଡିଶା ନବୀନ ଓଡିଶା ଜିଲ୍ଲା ସଂଯୋଜକ ରାମଲାଲ ହଂସ, ନୂଆପଡ଼ା ବ୍ଲକ ଉପାଧ୍ୟକ୍ଷ ଦିଲୀପ ନିର୍ମଳକର, ଏନଏସି ଅଧ୍ୟକ୍ଷ ମହମ୍ମଦ ଆଦମ, ଜିଲ୍ଲା ପରିଷଦ ସଭ୍ୟା ଉମା ଠାକୁର, ଜିଲ୍ଲା ସରପଞ୍ଚ ସଂଘ ସଭାପତି ପ୍ରେମଲାଲ ନାଏକ, ବ୍ଲକ ସମିତିସଭ୍ୟ ସଂଘ ସଭାପତି ନିଳକମଲ ଚନ୍ଦ୍ରକାର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଆଇନଜୀବୀ ଧନୀରାମ ସାହୁ ମଞ୍ଚ ପରିଚାଳନା କରିଥିଲେ।

# କଳାହାଣ୍ଡି କଳାକାର ସଂଘର ନବନିର୍ମିତ ଗୃହର ଉଦ୍‌ଘାଟନ

**ଭବାନୀପାଟଣା, ୧୬ ।୨ (ସମିସ):** କଳାହାଣ୍ଡି କଳାକାର ସଂଘର ଦ୍ୱିତୀୟ ମହଲା କୋଠାର ଉଦଘାଟନ ହୋଇଯାଇଛି। ରାଜ୍ୟସଭା ସାଂସଦ ସୁଜିତ କୁମାର ଏହାକୁ ଉଦ୍‌ଘାଟନ କରିଥିବା ବେଳେ ତାଙ୍କ ସାଂସଦ ପାଣ୍ଠିରୁ ନୂତନ ଗୃହ ନିର୍ମାଣ କରିବା ପାଇଁ ଅନୁଦାନ ଦେଇଥିଲେ। ସଭାରେ କଳାକାର ସଂଘର ସଭାପତି ଅବଦୁଲ କାଦିର, ଯୁଗ୍ମ ସମ୍ପାଦକ ଉମାକାନ୍ତ ବାଗ ଉପସ୍ଥିତ ଥିଲେ। କୋଷାଧ୍ୟକ୍ଷ ରଂଜିତ ସିଂ, ବରିଷ୍ଠ କଳାକାର ପ୍ରଭାସ ମିଶ୍ର, ଭୀମସେନ ସାହୁ, ଉମେଶ ଶତପଥି, ମନୋଜ ଶର୍ମା, ନିମାଇଁ ପାଣି, ଦେବରାଜ ଛତ୍ରିଆ, ଜୟଶଙ୍କର ପଣ୍ଡା, ସଂଗ୍ରାମ ହୋତା, ସଂଗ୍ରାମ ସରାଫ, ଉପାସନା ତ୍ରିପାଠୀ, ଶର୍ମିଷ୍ଠା ନାୟକ, ବିଭୂ ପଣ୍ଡା, ହିତେଶ ଭୋଇଙ୍କ ସମେତ ବହୁ କଳାକାର ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ କଳାକାର ପେନସନ ସହାୟତା ଯୋଜନାରେ କଳାକାର ସହାୟତା ରାଶିକୁ ୧୨୦୦ ରୁ ୨୦୦୦ ଓ ୮୦ ବର୍ଷରୁ ଅଧିକ ଆୟୁ ବ୍ୟକ୍ତିଙ୍କୁ ୨୫୦୦ ଟଙ୍କା କରିଥିବାରୁ ପେନସନ ଭୋଗୀ ମହାସଂଘ ତରଫରୁ ପ୍ରଦୀପ ଡ଼ି.ମାଝୀ ସଭାପତି, ଲଳିତ ପଣ୍ଡା କୋଷାଧ୍ୟକ୍ଷ, କାଁହୁ ଗୌଡ଼ ଯୁଗ୍ମ ସମ୍ପାଦକ, ସୁରେଶ ଥନପତି, ଆର୍ତ୍ତ ସାହୁ, କରୁଣାକର ଗୌଡ଼, ବାଲୁଲାଲ ଶର୍ମା ସମସ୍ତ ପେନସନ ଭୋଗୀ କଳାକାରମାନେ ମଧ୍ୟ ଉପସ୍ଥିତ ଥିଲେ। ଯୁଗ୍ମ ସମ୍ପାଦକ ଉମାକାନ୍ତ ବାଗ ଧନ୍ୟବାଦ ଅର୍ପଣ କରିଥିଲେ।



# ପୋଲତଳୁ ଯୁବକଙ୍କ ମୃତଦେହ ଉଦ୍ଧାର

**ଥୁଆମୂଳ ରାମପୁର,୧୬।୨(ସମିସ):** ଥୁଆମୂଳ ରାମପୁର ବ୍ଲକ କର୍ଲାପାଟ ଥାନା ଅନ୍ତର୍ଗତ କିଆପଦର ଭଟାଗୁଡା ଗ୍ରାମ ନିକଟ ଏକ ପୋଲ ତଳୁ ଡାଲଗୁମା ଗ୍ରାମର ମହାନ୍ତି ମାଝୀ (୪୦)ଙ୍କ ମୃତଦେହ ଉଦ୍ଧାର ହୋଇଛି। ସୂଚନା ଅନୁଯାୟୀ, ମହାନ୍ତି ମାଝୀ ଗତକାଲି କୌଣସି କାରଣ ନେଇ ଭଟାଗୁଡା ଗାଁକୁ ଯାଇ ଫେରି ନଥିଲେ। ସଂଧ୍ୟା ପରେ ଘର ଲୋକେ ଖୋଜାଖୋଜି କରି ପାଇ ନଥିଲେ। ଶୁକ୍ରବାର ସକାଳୁ ପୁଣି ଖୋଜାଖୋଜି କଲା ପରେ ଭଟାଗୁଡା ନିକଟ ଏକ ପୋଲ ତଳେ ମୃତ ଅବସ୍ଥାରେ ପଡିଥିବା ଦେଖିବାକୁ ପାଇଥିଲେ। ପରେ ମୃତ ମହାନ୍ତି ମାଝୀଙ୍କ ବାପା କୁମୁଡା ମାଝୀ ଏନେଇ କର୍ଲାପାଟ ଥାନାରେ ଅଭିଯୋଗ କରିଥିଲେ। ଥାନାଧିକାରୀ ବିଜୟ ରାଜ ମାଝୀ ଏବଂ ଏଏସ୍.ଆଇ ଅଜୟ ନାଏକ ତଦନ୍ତ କରିବା ସହିତ ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରିଛି ପୁଲିସ। ଏକ ଅପମୃତ୍ୟୁ ମାମଲାରେ ତଦନ୍ତ ଜାରି ରହିଛି।

**କଂକ୍ରିଟ୍ ରାସ୍ତା କାମ ନିମ୍ନମାନର ଅଭିଯୋଗ**

# କାମ ବନ୍ଦକରି ଚେତାବନୀଦେଲେ ଗ୍ରାମବାସୀ

**ଲାଞ୍ଜିଗଡ,୧୬।୨(ସମିସ):** ଲାଞ୍ଜିଗଡ ବ୍ଲକ ଲାଞ୍ଜିଗଡ଼ ପଞ୍ଚାୟତ ଅଧିନସ୍ଥ ଲାଞ୍ଜିଗଡ଼ ସହରର ମହାଦେବ ପଡାଠାରେ ପଞ୍ଚାୟତ ପକ୍ଷରୁ ଚାଲିଥିବା କଂକ୍ରିଟ ରାସ୍ତା କାମ ନିମ୍ନମାନର ଅଭିଯୋଗ କରି କାମ ବନ୍ଦ କରିଛନ୍ତି ପଡ଼ାବାସୀ। ଲାଞ୍ଜିଗଡ଼ ପଞ୍ଚାୟତ ପକ୍ଷରୁ ଲାଞ୍ଜିଗଡ଼ ମହାଦେବ ପଡାର ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଏହି ରାସ୍ତା କାମ ପଞ୍ଚାୟତ ଅଧୀନରେ ରହିଥିବା ବେଳେ ଏହି କାମକୁ କିଛି ଯୁବକଙ୍କୁ ଦେଖାରେଖା ପାଇଁ ଦାୟିତ୍ୱ ଦିଆଯାଇଛି। ଏହି ରାସ୍ତା ନିର୍ମାଣ କାର୍ଯ୍ୟ ୬୦ ମିଟର ପାଇଁ ପଞ୍ଚାୟତ ପକ୍ଷରୁ ଦିଆଯାଇଛି ବୋଲି ସୂଚନା ମିଳିଛି। କୌଣସି ସୂଚନା ଫଳକ ନାହିଁ। ଏହି ରାସ୍ତା କଂକ୍ରିଟ କାମ ଆରମ୍ଭ ହୋଇଥିବା ବେଳେ ୧୦ କଢେଇ ବାଲିରେ ୯ କଢେଇ ଚିପ୍ସ ଓ ୧ କଢେଇ ସିମେଣ୍ଟ ମିଶାଇ ରାସ୍ତାରେ କଂକ୍ରିଟ କାମ ଚାଲିଥିବା ବେଳେ ନିମ୍ନ ମାନର କାମ ଯୋଗୁଁ କାମ ବନ୍ଦ କରିଥିବା ମହାଦେବ ପଡ଼ାବାସୀ ପ୍ରକାଶ କରିଛନ୍ତି। ଉକ୍ତ ରାସ୍ତା କାମରେ ଦାଇତ୍‌ବରେ ଥିବା ବିଭାଗୀୟ ଯନ୍ତ୍ରୀ ଅନୁପସ୍ଥିତ ଥିବା ଯୋଗୁଁ ଯନ୍ତ୍ରୀ ନ ଆସିବା ପର୍ଯ୍ୟନ୍ତ କାମ ବନ୍ଦ ରହିବ ବୋଲି ପ୍ରକାଶ କରିଛନ୍ତି। ଆଗାମୀ ଦିନରେ ଉକ୍ତ କାମ ଠିକ୍ ଭାବେ ନ କଲେ ବାଧ ପଞ୍ଚାୟତ ଓ ବ୍ଲକ ଅଫିସ ଆଗରେ ଧାରଣା ଦେବୁ ବୋଲି ପଡାର ମହାଦେବ ନାଏକ, କିଶୋର ନାଏକ, ରଜନୀ ନାଏକ, ସୁରେନ୍ଦ୍ର ନାଏକ, ନକୁଳ ନାଏକ, ଚାରୁ ଚନ୍ଦ୍ର ନାଗ, ପ୍ରମିଳା ବାଗ, ଜୟନ୍ତୀ କୁମାର, ଗାୟତ୍ରୀ ବାଗ, ବାସନ୍ତୀ ନାଏକ, କୁନି ନାଏକ, ଗୁଲାପି ନାଏକ, ସୁନୀଲ ବାଗ ପ୍ରମୁଖ ଚେତାବନୀ ଦେଇଛନ୍ତି। ଏନେଇ ବ୍ଲକ ସହକାରୀ ଯନ୍ତ୍ରୀ ସାଲଖୁ ହେମ୍ବ୍ରମଙ୍କୁ ଫୋନ ଯୋଗେ ଯୋଗାଯୋଗ କରିଥିଲେ ମଧ୍ୟ ଫୋନ କଲଟି ଗ୍ରହଣ କରି ନଥିଲେ।






# ଗାଡ଼ି ମାଲିକ ଓ ଚାଳକଙ୍କୁ ଶୋଷଣ କରୁଥିଲେ ବୌଦ୍ଧ ଆର୍‌ଟିଓ

ବୌଦ୍ଧ, ୧୬।୨(ସମିସ)




ଗତକାଲି ଭିଜିଲାନ୍ସ ଦ୍ୱାରା ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିବା ଅଭିଯୋଗରେ ଗିରଫ ହୋଇଥିବା ବୌଦ୍ଧ ଆରଟିଓ ଗାଡି ମାଲିକ ଓ ଡ୍ରାଇଭରଙ୍କୁ ଶୋଷଣ କରୁଥିଲେ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ବୌଦ୍ଧ ଡ୍ରାଇଭର ମହାସଂଘ ଏବଂ ଜିଲ୍ଲା ସାମାଜିକ ସୁରକ୍ଷା ପରିଷଦ ତରଫରୁ ସୂଚନା ଦିଆଯାଇଛି। ବୌଦ୍ଧ ଆରଟିଓ ବସନ୍ତ ମହାପାତ୍ରଙ୍କ ବୌଦ୍ଧ ଭଡାଘର ଓ କାର୍ଯ୍ୟାଳୟ ସମେତ ଭୁବନେଶ୍ୱର, ଭଞ୍ଜନଗର, ବ୍ରହ୍ମପୁରରେ ଏକକାଳୀନ ୧୦ଟି ସ୍ଥାନରେ ଭିଜିଲାନ୍ସ ଚଢ଼ଉ କରି ତାଙ୍କୁ ଗିରଫ କରିବା ଖବର ପାଇ ବୌଦ୍ଧ ଡ୍ରାଇଭର ମହାସଂଘ ଏବଂ ଜିଲ୍ଲା ସାମାଜିକ ସୁରକ୍ଷା ପରିଷଦ ତରଫରୁ ଏହି ସୂଚନା ଦିଆଯାଇଛି। କାର୍ଯ୍ୟାଳୟ ଭିତରେ ସିସିଟିଭି କ୍ୟାମେରା ଲାଗିଥିବାରୁ ସେ ତାଙ୍କ ଗାଡି ଭିତରେ ଲାଞ୍ଚ ଟଙ୍କା ଗ୍ରହଣ କରୁଥିଲେ। ଲାଞ୍ଚ ନେବା ପରେ ମଧ୍ୟ ବିଭିନ୍ନ ଆଳ ଦେଖାଇ କାମ କରୁ ନଥିଲେ ବୋଲି ସୂଚନା ଦିଆଯାଇଛି। ଆରଟିଓ ଶ୍ରୀ ମହାପାତ୍ର ବୌଦ୍ଧରେ ଯୋଗଦେବାଠାରୁ ଏଭଳି ଅନୈତିକ କାର୍ଯ୍ୟରେ ଲିପ୍ତ ରହିବା ସହ ସାଧାରଣ ଜନତାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରୁଥିବା ମଧ୍ୟ ଅଭିଯୋଗ ହୋଇଆସୁଥିଲା। ଏ ସଂକ୍ରାନ୍ତରେ ଜିଲ୍ଲା ସାମାଜିକ ସୁରକ୍ଷା ପରିଷଦ ତରଫରୁ ଆରଟିଓ ଶ୍ରୀ ମହାପାତ୍ରଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବହୁ ପୂର୍ବରୁ ବୌଦ୍ଧ ଜିଲ୍ଲାପାଳ, ଆରଡିସି, ରାଜ୍ୟ ପରିବହନ କର୍ତ୍ତୃପକ୍ଷ ଏବଂ ମୁଖ୍ୟ ସଚିବଙ୍କୁ ଲିଖିତ ଦାବି କରାଯାଇଛି। କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ଗତ ଜାନୁଆରୀରେ ରାଜ୍ୟପାଳଙ୍କ ବୌଦ୍ଧ ଗସ୍ତ ଅବସରରେ ତାଙ୍କୁ ଜିଲ୍ଲା ସାମାଜିକ ସୁରକ୍ଷା ପରିଷଦ ତରଫରୁ ପୁଣି ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଯାହାବି ହେଉ ଭିଜିଲାନ୍ସ ଦ୍ୱାରା ଗିରଫ ହେବା ପରେ ଏହି ଶୋଷଣର ଅବସାନ ଘଟିଥିବା ଯୋଗୁଁ ଡ୍ରାଇଭର ମହାସଂଘ ଏବଂ ଜିଲ୍ଲା ସାମାଜିକ ସୁରକ୍ଷା ପରିଷଦର ସଦସ୍ୟମାନେ ଖୁସି ମନେଇଛନ୍ତି।

# ବନ୍ଦକୁ ସମର୍ଥନ; ବୌଦ୍ଧରେ ୮ ଦଫା ଦାବିପତ୍ର ଓ ବିକ୍ଷୋଭ




**ତରଭା/ବୌଦ୍ଧ, ୧୬।୨(ସମିସ):** ଶୁକ୍ରବାର ୧୨ ଘଣ୍ଟିଆ ଭାରତ ବନ୍ଦ ଡକରାକୁ ତରଭା ସମେତ ସୁବର୍ଣ୍ଣପୁର ଜିଲ୍ଲାରେ ଅକୁଣ୍ଠ ସମର୍ଥନ ମିଳିଛି। ବିଭିନ୍ନ ସ୍ଥାନରେ ପିକେଟିଂ କରାଯିବା ସହ ରାସ୍ତାରେ ଯାତାୟାତ, କାର୍ଯ୍ୟାଳୟ, ସ୍କୁଲ ଏବଂ ବିଶେଷକରି ବ୍ୟବସାୟିକ ପ୍ରତିଷ୍ଠାନ ତଥା ଦୋକାନ ବଜାର ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। କିଛି ଛାତ୍ରଛାତ୍ରୀଙ୍କ ପରୀକ୍ଷାକୁ ଦୃଷ୍ଟିରେ ରଖି ସେମାନଙ୍କୁ ବନ୍ଦରୁ ବାଦ ଦିଆଯାଇଥିଲା । ଲୋକେ ସ୍ୱତଃ ପ୍ରବୃତ୍ତ ଭାବେ ଦୋକାନ ବଜାର ବନ୍ଦ କରିଥିଲେ। ବନ୍ଦ ପାଳନ ସମୟରେ ଜରୁରୀ ସେବା ଗୁଡିକୁ ବାଦ ଦିଆଯାଇଥିଲା। ଆଞ୍ଚଳିକ କୃଷକ ସଂଗଠନର ସଭାପତି ସଦାନନ୍ଦ ପାଣିଗ୍ରାହୀ, ମିତ୍ରବ୍ରତ ମିଶ୍ର, ଜମ୍ବେଶ୍ୱର ନାଗ, ଭୋଲାକୁମାର ବର୍ମା, ଜନାର୍ଦ୍ଦନ ଥାନାପତି, ସତ୍ୟନାରାୟଣ ମେହେର, ପ୍ରକାଶ ହରିପାଲ, ସୁକାନ୍ତ ମିଶ୍ର ପ୍ରମୁଖଙ୍କ ସହ ବହୁ ଚାଷୀ ସାମିଲ ରହିଥିଲେ। ବନ୍ଦ ପାଳନ ଶାନ୍ତିପୂର୍ଣ୍ଣ ଭାବେ ହୋଇଥିବା ବେଳେ ସହରରେ ଶାନ୍ତି ରକ୍ଷା ପାଇଁ ପୋଲିସ ମୁତୟନ ହୋଇଥିବା ଦେଖିବାକୁ ମିଳିଥିଲା।

ସେହିପରି ସମସ୍ତ କେନ୍ଦ୍ରୀୟ ଟ୍ରେଡ୍ ୟୁନିଅନ ଓ ସଂଯୁକ୍ତ କିଷାନ ମୋର୍ଚ୍ଚା ଆହ୍ୱାନରେ ଦେଶବ୍ୟାପୀ ଧର୍ମଘଟ ପ୍ରିପ୍ରେକ୍ଷୀରେ ଏଆଇଟିୟୁସି ବୌଦ୍ଧ ଜିଲ୍ଲା କମିଟି ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜିଲ୍ଲା ସମ୍ପାଦକ ଅବକାଶ ସାହୁଙ୍କ ନେତୃତ୍ୱରେ ଏକ ବିକ୍ଷୋଭ ଅନୁଷ୍ଠିତ ହେବାସହ ଜିଲ୍ଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କୁ ଏକ ୮ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ମୁଖ୍ୟତଃ ଆଉଟ ସୋର୍ସିଙ୍ଗ ପ୍ରଥା ଉଚ୍ଛେଦ, ଦରଦାମ ନିୟନ୍ତ୍ରଣ, ଶ୍ରମିକ ଶ୍ରେଣୀ ସ୍ୱାର୍ଥ ବିରୋଧୀ ୪ଟି ଶ୍ରମକୋର୍ଡ ପ୍ରତ୍ୟାହାର, ସର୍ବନିମ୍ନ ମଜୁରୀ ମାସିକ ୨୬ ହଜାର ଟଙ୍କା, ଅଙ୍ଗନବାଡି,ଆଶା, ପାଚିକା ସମେତ ସମସ୍ତ ସ୍କିମ ୱାର୍କରଙ୍କୁ ଭାରତୀୟ ଶ୍ରମ ସମ୍ମିଳନୀ ସୁପାରିସମତେ ୱାର୍କରର ମାନ୍ୟତା ପ୍ରଦାନ, ରାଷ୍ଟ୍ରୀୟ ଉଦ୍ୟୋଗର ଘରୋଇ କରଣ ବନ୍ଦ, ସମସ୍ତ କୃଷି ଉତ୍ପାଦିତ ଦ୍ରବ୍ୟର ଏମଏସପି ପାଇଁ କେନ୍ଦ୍ରୀୟ ଆଇନ ପ୍ରଣୟନ ପାଇଁ ଦିଲ୍ଲୀଠାରେ କୃଷକଙ୍କ ଉପରେ ଆକ୍ରମଣକୁ ତୁରନ୍ତ ବନ୍ଦ ଆଦି ଦାବି ନେଇ ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଆନ୍ଦୋଳନ ସ୍ଥଳକୁ ଅତିରିକ୍ତ ଜିଲ୍ଲାପାଳ ଦାରିଦ୍ର୍ୟ ଭଂଜନ ମଦନ ମୋହନ ପାତ୍ର ଆସି ଦାବିପତ୍ର ଗ୍ରହଣ କରିଥିଲେ। ବାସନ୍ତୀ ପ୍ରଧାନ, ସୁଧାଂଶୁ ପ୍ରଧାନ, ଭୀମସେନ ଘିବଲା, ହୃଦାନନ୍ଦ ଦେହୁରୀ ପ୍ରମୁଖଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଯୋଗଦେଇଥିଲେ।

# ମାତିଛନ୍ତି ଦଲାଲ, ଲୋପ୍ ପାଇଯିବ କି ତାଳଗଛ !

**ହରଭଙ୍ଗା, ୧୬।୨(ସମିସ):** ବାହାର ରାଜ୍ୟର ଦଲାଲ ବର୍ତ୍ତମାନ ବୌଦ୍ଧ ଜିଲ୍ଲାରେ ସକ୍ରିୟ। ଶାଗ ମାଛ ଦରରେ ବିନା ଅନୁମତି ଲୋକଙ୍କୁ ଠକି ଶହ ଶହ ତାଳ ଗଛ କାଟି ବାହାର ରାଜ୍ୟକୁ ଦିନ ଦିପହରରେ ଟ୍ରକ ଦ୍ୱାରା ଚାଲାଣ ହେଉଥିଲେ ମଧ୍ୟ ନିରବଦ୍ରଷ୍ଟା ସାଜିଛି ପ୍ରଶାସନ ଓ ବିଭାଗୀୟ କର୍ତ୍ତୃପକ୍ଷ। ହରଭଙ୍ଗା ବ୍ଲକ ଧଳପୁର -ହରଭଙ୍ଗା ଜଗନ୍ନାଥ ସଡ଼କର ସଦଳଗଣ୍ଡା ନିକଟରେ ଜମିରେ ପଡି ରହିଛି ବେଆଇନ କଟା ହୋଇଥିବା ତାଳ ଗଛ। ଲୋକଙ୍କୁ ମାତ୍ର ୧୦୦ ଟଙ୍କାରୁ ୧୫୦ ଟଙ୍କା ଭିତରେ ପଇସା ଦେଇ ଦଲାଲମାନେ କାଟି ନେଉଛନ୍ତି ଶହ ଶହ ତାଳ ଗଛ। ପୂର୍ବତନ ଜିଲ୍ଲାପାଳ ଥିବା ସତ୍ୟରଞ୍ଜନ ସାହୁଙ୍କ ଉଦ୍ୟମରେ ଜିଲ୍ଲାର କେତେକ ସ୍ଥାନରେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ତାଳ



କିଣିବା ଏବଂ ତାଳ, ଖଜୁରୀରୁ ଗୁଡ଼ ପ୍ରସ୍ତୁତ କରିବା ପାଇଁ ଚେଷ୍ଟା ଜାରି ରଖିଥିଲେ। ସେ ସମୟରେ ହରଭଙ୍ଗା ବ୍ଲକର କେଳାକଟା, ଚମ୍ପାପୁର ଅଞ୍ଚଳରେ ଦଲାଲମାନେ ମନଇଛା ଗଛ କାଟିବା ଭଳି ଚିତ୍ର ସାମ୍ନାକୁ ଆସିଥିଲା। ଏହାକୁ ନେଇ ଖବର ପ୍ରସାରଣ ପରେ ପ୍ରଶାସନ ତତ୍ପର ହୋଇ ସମସ୍ତ ତାଳ ଗଛ ଜବତ ଓ ବ୍ୟବହୃତ ହୋଇଥିବା ଗାଡିଗୁଡିକ ଥାନାରେ ଭର୍ତି କରିଥିଲା। କିଛିଦିନପରେ ଜିଲାପାଳଙ୍କ ଅବସର ହୋଇଥିଲା। ବର୍ତମାନ କିଛିଦିନ ବ୍ୟବଧାନ ପରେ ପୁଣି ଦଲାଲମାନେ ସକ୍ରିୟ ହୋଇ ଉଠି ଲୋକଙ୍କୁ ଶାଗ ମାଛ ଦରରେ ପଇସା ଦେଇ କାଟି ନେଉଛନ୍ତି ଶହ ଶହ ତାଳ ଗଛ। ଯଦି ଏହା ଉପରେ ପ୍ରଶାସନ ରୋକ ନଲଗାଏ ଆଗାମୀ ଦିନରେ ବୌଦ୍ଧ ଜିଲ୍ଲାରେ ତାଳ ଗଛଟିଏ ମଧ୍ୟ ଦେଖିବାକୁ ସ୍ୱପ୍ନ ହୋଇଯିବ। ତେଣୁ ଏଥିପ୍ରତି ବନ ବିଭାଗ ଓ ପ୍ରଶାସନ ଦୃଷ୍ଟି ଦେବା ସହ ଦଲାଲଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପରିବେଶବିତ ମାନଙ୍କ ଭିତରେ ଦାବି ହେଉଛି।

# ଠିକାସଂସ୍ଥାରୁ ଚୋରି, ୩ ଗିରଫ

**ବୌଦ୍ଧ, ୧୬।୨(ସମିସ):** ନିର୍ମାଣାଧିନ ଖୋର୍ଦ୍ଧା-ବଲାଙ୍ଗିର ରେଳପଥର ଚମ୍ପାପୁର ଗ୍ରାମ ନିକଟ ୟାର୍ଡରୁ ଲୁହା ସାମଗ୍ରୀ ଚୋରି ଅଭିଯୋଗରେ ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ବୌଦ୍ଧ ଆଦର୍ଶ ଥାନା ପୁଲିସ୍। ଗତ ୧୨ ତାରିଖ ମଧ୍ୟ ରାତ୍ରରେ ଠିକାସଂସ୍ଥା ଏଆରଏସଏସର ଚମ୍ପାପୁର ଗ୍ରାମ ନିକଟ ୟାର୍ଡରୁ କିଛି ଲୁହା ସାମଗ୍ରୀ ଚୋରି ହୋଇଥିବା ନେଇ ସଂସ୍ଥାର କର୍ମଚାରୀ ସଞ୍ଜୟ ନନ୍ଦ ଅଭିଯୋଗ କରିଥିଲେ। ପୁଲିସ୍ ବୀରରାମଚନ୍ଦ୍ରପୁର ଗ୍ରାମରୁ ଚୋରି ସାମଗ୍ରୀ ଜବତ କରି ସମ୍ପୃକ୍ତ ଥିବା ୩ ଜଣଙ୍କୁ ଗିରଫ କରିଛି।

# କେନାଲ ଆଡ଼ିବନ୍ଧ ନିର୍ମାଣ ନାମରେ ସରକାରୀ ଅନୁଦାନ ବାଟମାରଣା !

**ହରଭଙ୍ଗା, ୧୬।୨(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକର ତଳଗାଁ ପଞ୍ଚାୟତର ଅନେକ ଜାଗାରେ ୨୦୨୨-୨୩ ଆର୍ଥିକ ବର୍ଷରେ କ୍ଷୁଦ୍ର ଜଳସେଚନ ବିଭାଗ ତରଫରୁ ମୁଖ୍ୟମନ୍ତ୍ରୀ ଆଡିବନ୍ଧ ଯୋଜନାରେ ବିଭିନ୍ନ ନିର୍ମାଣ କାର୍ଯ୍ୟ କରାଯାଇଛି। ଡାକପଦର ରାଶିତଇଳାରେ ବିଭାଗର ଜେଇ, ଏସଡିଓ, ନିର୍ବାହୀ ଯନ୍ତ୍ରୀ ଏବଂ ଠିକାଦାରଙ୍କ ଉପସ୍ଥିତିରେ ଜାଗା ଚିହ୍ନଟ କରାଯିବା ସହ ପ୍ରଥମେ



କେନାଲ ହେବ ତାପରେ ନାଳରେ ଆଡି ବନ୍ଧ ବନ୍ଧାଯିବ ବୋଲି ଚାଷୀଙ୍କୁ ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ କଥା ବାଟରେ କଥା; ଯେଣୁ ତେଣୁ ଠିକାଦାର କେବଳ ନାଳ ଉପରେ ସିମେଣ୍ଟ ୱାଲ ଦେଇ କାମ ସାରି ଫେରାର ମାରିଥିବା ଅଭିଯୋଗ ହୋଇଛି। ଠିକାଦାର ଏମଡି ଲିୟାକତ ଅଲ୍ଲୀ ଏହି କାର୍ଯ୍ୟକୁ ଗତବର୍ଷ ଜୁନ୍‌ରେ ଶେଷ କରିଥିଲେ; କିନ୍ତୁ ଏପର୍ଯ୍ୟନ୍ତ କେନାଲର ନା ଗନ୍ଧ ଉଠୁନି। ସରକାରଙ୍କ ନା ଧରି କୋଟି କୋଟି ଟଙ୍କା ହରିଲୁଟ କରି ବିଭାଗୀୟ ଅଧିକାରୀ ଠିକାଦାର ମିଶି ଖାଇ ଚାଲିଛନ୍ତି। ଡ୍ୟାମଟି ଚାଷୀଙ୍କ କାମରେ ନ ଆସି ଠିକାଦାର ବିଭାଗୀୟ ଅଧିକାରୀ ଏଥିରେ ଫାଇଦା ନେଲେ। ପୁଣି ଶୁଣିବାକୁ ମିଳୁଛି କିଛି ଟଙ୍କା କେନାଲ ପାଇଁ ବଳି ଥିଲା ତାହାକୁ ଠିକାଦାର ଯନ୍ତ୍ରୀଙ୍କୁ ହାତ କରି ବିଲ କରି ଚଳୁ କରିଥିବା ଜଣାପଡ଼ିଛି। ଏ ବାବଦରେ ପୁରୁଣା କଟକ କ୍ଷୁଦ୍ର ଜଳସେଚନ ବିଭାଗ ଏସଡିଓ ବିଭୂତି ମାଝୀଙ୍କୁ ପଚାରିବାରୁ ଉକ୍ତ ପ୍ରକଳ୍ପର କାମ ସରିନି, କେନାଲ ଓ ପଥର ପ୍ୟାଚିଂ କାମ ଅଛି ଠିକାଦାର କାର୍ଯ୍ୟ ସାରିଲେ ବିଲ ମଞ୍ଜୁର କରାଯିବ ବୋଲି କହିଥିଲେ। ଏଣୁ ତଳଗାଁ ପଞ୍ଚାୟତ ରେ ଏଭଳି ଗୋଟେ ଚ୍ୟାକ ଡ୍ୟାମ ନୁହଁ ଅନନ୍ୟ ସ୍ଥାନରେ ମଧ୍ୟ ନିର୍ମାଣ ହୋଇ ସରିଛି ସେସବୁ ମଧ୍ୟ ନିମ୍ନମାନର ହୋଇଥିବା ନେଇ ଅଭିଯୋଗ ହେଉଥିବା ବେଳେ ନିର୍ମାଣ ହୋଇଥିବା ଆଡିବନ୍ଧଗୁଡିକ ନୂତନ ଜିଲ୍ଲା ପାଳ ପରିଦର୍ଶନ କରି ଦୋଷୀ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ପଞ୍ଚାୟତବାସୀ ଦାବି କରୁଛନ୍ତି।

# ଜିଲ୍ଲା ଭାରତୀୟ କିଶାନ ସଂଘର ବୈଠକ

**ବୌଦ୍ଧ, ୧୬।୨(ସମିସ):** ଶୁକ୍ରବାର ବୌଦ୍ଧ ସହର ସ୍ଥିତ ଗାୟତ୍ରୀ ପ୍ରଜ୍ଞାପୀଠରେ ବୌଦ୍ଧ ଜିଲ୍ଲା ଭାରତୀୟ କିଶାନ ସଂଘର ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି।

ପୂର୍ବତନ ଜିଲ୍ଲା ସଭାପତି ନବୀନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କୃଷକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହେବା ସହ ନୂତନ ସଭାପତି ଓ ସମ୍ପାଦକ ମନୋନୀତ କରା ଯାଇଥିଲା। ବରିଷ୍ଠ କୃଷକ ନେତା ବିଶିକେସନ ପ୍ରଧାନଙ୍କ ପ୍ରସ୍ତାବ ଯକ୍ରମେ ନୂତନ ଜିଲ୍ଲା ସଭାପତି ଭାବେ ଭୋଳାଗିରୀ ସାହୁ ଓ ସମ୍ପାଦକ ଭାବେ ବନମାଳି ରଣାଙ୍କୁ ମନୋନୀତ କରାଯାଇଛି। ଅନ୍ୟ ସମସ୍ତ କର୍ମକର୍ତ୍ତା ଅପରିବର୍ତ୍ତିତ ରଖାଯାଇଛି। ବୈଠକରେ ସମସ୍ତ ଜିଲ୍ଲା ସ୍ତରୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ବୌଦ୍ଧ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ



**ବୌଦ୍ଧ, ୧୬।୨(ସମିସ):** କଚେରି ପଡିଆଠାରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବୌଦ୍ଧର ୩୫ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ ହିନ୍ଦୁ ପରିଷଦ ପଶ୍ଚିମ ଓଡ଼ିଶା ଅଧ୍ୟକ୍ଷ ଡାକ୍ତର ରାଜକୁମାର ବଡ଼ପଣ୍ଡା ଏହାକୁ ଉଦଘାଟନ କରିଥିଲେ। ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର ସମେତ ବୌଦ୍ଧ ଜିଲ୍ଲା ପ୍ରମୁଖ କାର୍ତିକେଶ୍ୱର ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ।

ବିଦ୍ୟାଳୟର ସମ୍ପାଦକ ସାର ପ୍ରଧାନ ବାର୍ଷିକ ବିବରଣୀ ପଠନ କରିଥିଲେ। ବିଦ୍ୟାଳୟର ସଭାପତି ରାଜକିଶୋର ମହାରଣାଙ୍କ ତତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଧାନଆଚାର୍ଯ୍ୟ ଧରଣୀଧର ପରିଡ଼ା ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ବାର୍ଷିକ ପତ୍ରିକା 'ବୌଦ୍ଧାୟନ' ଉନ୍ମୋଚନ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯିବା ସହ ଶିକ୍ଷାର୍ଥୀଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ପରିଚାଳନା ସଦସ୍ୟା ସ୍ୱାଗତିକା ଧନ୍ୟବାଦ ଜ୍ଞାପନ କରିଥିଲେ।

# ଅଜଣା ରୋଗରେ ଅକର୍ମଣ୍ୟ ସୁରୁନନି; ଚିକିତ୍ସା ପାଇଁ ନିବେଦନ



**ଶଗଡା, ୧୬।୨(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଅନ୍ତର୍ଗତ ଗୁଡ଼ଭେଲି ପଦର ଗ୍ରାମରେ ଜଣେ ମହିଳା ଦୀର୍ଘ ୨ମାସ ହେବ ଅଜଣା ରୋଗରେ ଆକ୍ରାନ୍ତ ହୋଇ ଶଯ୍ୟାଶାୟୀ ଅଛନ୍ତି। ଗ୍ରାମର ସୁରୁନନୀ ଜାଲ (୫୪)ଙ୍କ କେହି ନ ଥିବା ବେଳେ ଘରେ ଏକା ରୁହନ୍ତି। ଗତ ୨ମାସ ହେବ ଅଣ୍ଟା ପଡ଼ି ଯାଇ ଚଲାବୁଲା କରି ପାରୁ ନ ଥିଲେ। ନିଜ ଖାଇବା ପାଇଁ ରୋଷେଇ ମଧ୍ୟ କରି ପାରୁ ନ ଥିବାରୁ ପଡୋଶୀଙ୍କ ଉପରେ ନିର୍ଭର କରି ତାଙ୍କ ଦେଉଥିବା ଖାଦ୍ୟରେ ବଞ୍ଚିଛନ୍ତି। ଗତ ୧ ସପ୍ତାହରୁ ଅଧିକ ସମୟ ହେଲାଣି ସେ ଉଠିବାକୁ ଚେଷ୍ଟା କରୁଥିବା ବେଳେ ପଡ଼ି ଯାଇ ଗୋଡ଼ ଭାଙ୍ଗି ଯାଇଥିବା ପଡୋଶୀ କହିଛନ୍ତି। ବର୍ତ୍ତମାନ ଅଣ୍ଟା ଓ ଗୋଡ଼ ଅକାମୀ ହୋଇଯିବାରୁ ସୁରୁନନି ବର୍ତ୍ତମାନ କେବଳ ବସିବା ଅବସ୍ଥାରେ ପଡି ରହିଛନ୍ତି। ବର୍ତ୍ତମାନ ତାଙ୍କୁ ମେଡ଼ିକାଲ ନେଇ ଆବଶ୍ୟକ ଚିକିତ୍ସା ଯୋଗାଇ ଦେଲେ ସେ ପୁଣି ପୂର୍ବବସ୍ଥା ଫେରି ସ୍ୱାଭାବିକ ଜୀବନଯାପନ କରି ପାରିବେ ବୋଲି ଗ୍ରାମବାସୀ ଆଶା କରିଛନ୍ତି। ଏଭଳି ପରିସ୍ଥିତିରେ ତାଙ୍କୁ ସରକାରୀ କିମ୍ବା କୌଣସି ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଚିକିତ୍ସା କରାଗଲେ ସେ ପୁଣି ସ୍ୱାଭାବିକ ଜୀବନ ବଞ୍ଚି ପାରିବେ ବୋଲି ଗ୍ରାମବାସୀ ଆଶା କରିଛନ୍ତି। ଏ ଦିଗରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଦୃଷ୍ଟି ଦେଇ ସୁରୁନନିକୁ ଆବଶ୍ୟକ ଚିକିତ୍ସା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

# ଆରମ୍ଭ ହେଲା ରାମଗଡ଼ ପ୍ରିମିଅର ଲିଗ୍




**ହରଭଙ୍ଗା, ୧୬।୨(ସମିସ):** ମା' ବାଉରୀ କ୍ରିକେଟ ଆସୋସିଏସନ୍ ତରଫରୁ ଚାରିଦିନିଆ ଜିଲ୍ଲାସ୍ତରୀୟ ରାମଗଡ଼ ପ୍ରିମିଅର ଲିଗ୍‌୨୦୨୪ ଆରମ୍ଭ ହୋଇଯାଇଛି। ମୁଖ୍ୟଅତିଥି ସ୍ଥାନୀୟ ସରପଞ୍ଚ ପ୍ରତିନିଧି, ଅରୋବିନ୍ଦ ସ୍କୁଲର ଛାତ୍ରଛାତ୍ରୀ, କ୍ଲବର ସମସ୍ତ ସଦସ୍ୟ ମା' ବୁଢୀ ବାଉରୀଙ୍କ ପୀଠରୁ ମଶାଲ ଶୋଭାଯାତ୍ରାରେ ବାହାରି ପଡ଼ିଆରେ ପହଞ୍ଚି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ମ୍ୟାଚରେ ରାମଗଡ଼ ଦଳ ନିର୍ଦ୍ଧାରିତ ୧୫ ଓଭରରେ ୧୪୩ ରନ୍ କରି ଅନୁଗୁଳ ଜିଲ୍ଲାରୁ ଆସିଥିବା ଓଡସିଙ୍ଗା ଦଳଠାରୁ ବିଜୟ ଲାଭ କରିଥିଲା ବେଳେ ଦ୍ୱିତୀୟ ମ୍ୟାଚରେ ଫକିରପୁର ଦଳ ୮୦ ରନ୍ ବିଜୟ ଲକ୍ଷ୍ୟକୁ ସହଜରେ ରକୀ ସ୍ପୋର୍ଟସଠାରୁ ଜିଣି ଯାଇଛନ୍ତି। ଅନ୍ୟତମ ଅତିଥିରୂପେ କ୍ରୀଡା ଶିକ୍ଷକ ଦଶରଥ ଭୋଇ, ଗୌରଚରଣ ସେଠୀ, କ୍ଷୀରୋଦ ବିଶି ପ୍ରମୁଖ ଯୋଗ ଦେଇଥିବା ବେଳେ ଖେଳକୁ ଅଭିଜିତ୍ ଗିରି, ରତ୍ନାକର ସାହୁ, ରାଜୁ ସେଠୀ, ପ୍ରଭାତ ସେଠୀ, ଧନଞ୍ଜୟ କର୍ଣ୍ଣ, ରାହୁଲ ବିଶି, ବୁବୁଲି ଭୋକ୍ତା ପ୍ରମୁଖ ପରିଚାଳନା କରିଛନ୍ତି। ଆସନ୍ତାକାଲି ବୌଦ୍ଧ-ଆଠମଲ୍ଲିକ ଏବଂ ଧଳପୁର-ଚିତ୍ତ ୧୧ ମଧ୍ୟରେ ମ୍ୟାଚ୍ ଅଛି ବୋଲି ସଭାପତି ଚିତ୍ତରଞ୍ଜନ ଭୋକ୍ତା ସୂଚନା ଦେଇଛନ୍ତି।

# ଅଣଧାନ ଚାଷ ସମ୍ପର୍କିତ ୧୯୦ ଜଣ ଚାଷୀଙ୍କୁ ତାଲିମ

**ହରଭଙ୍ଗା, ୧୬।୨(ସମିସ):** ସୁରୁଣ୍ଡି, କୁଟିବାରି ଓ ତେନ୍ତୁଳୀପଦର ଗ୍ରାମରେ ଅଣଧାନ ଚାଷ ସମ୍ପର୍କିତ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଲୋକକଳା ବିକାଶ କେନ୍ଦ୍ର, ସରସରା ତରଫରୁ ଜିଲ୍ଲା କୃଷି ବିଭାଗ, ବୌଦ୍ଧ ସହାୟତାରେ ହରଭଙ୍ଗା ବ୍ଲକର ଧଳପୁର ପଞ୍ଚାୟତର ତେନ୍ତୁଲିପଦର , ମଲ୍ଲିକ ପଡା ପଞ୍ଚାୟତର କୁଟିବାରି ଓ ହରଭଙ୍ଗା ପଞ୍ଚାୟତରର ସୁରୁଣ୍ଡି ଗ୍ରାମରେ ଗ୍ରାମରେ ବୃହତ ଉଠା ଜଳସେଚନ ଅଞ୍ଚଳରେ ପର୍ଯ୍ୟାୟକ୍ରମେ ଫସଲର ବିବିଧିକରଣ ବିଷୟରେ ତାଲିମ୍ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ସଂଯୋଜକ ପ୍ରବିଣ ମହାନନ୍ଦିଆ ସମସ୍ତଙ୍କୁ ସ୍ୱାଗତ ଜଣେଇବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ତାଲିମଦାତା ଭାବରେ ହରଭଙ୍ଗା ବ୍ଲକର ବ୍ଲକ କୃଷି ଅଧିକାରୀ, ସବ୍ୟସାଚୀ ଦାସ, ସହ କୃଷି ଅଧିକାରୀ ପ୍ୟାରିମୋହନ ପୁରୋହିତ, ପୁରୁଷତ୍ତୋମ୍ ସାହୁ ଯୋଗ ଦେଇଥିଲେ। ତେନ୍ତୁଳୀପଦରରେ ୭୦, କୁଟିବାରିରେ ୫୫ ଏବଂ ସୁରୁଣ୍ଡିରେ ୬୫ରୁ ଅଧିକ କୃଷକ ଅଂଶଗ୍ରହଣ କରିଥିଲେ। ପରିଚାଳନା ପାଇଁ ଏଲକେବିକେ କର୍ମୀ ପ୍ରତାପ ମେହେର, ବାଞ୍ଛାନିଧି ବିଶି ସାହାଯ୍ୟ ସହଯୋଗ କରିଥିଲେ। ପ୍ରତାପ ମେହେର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଷ୍ଟୁଡେଣ୍ଟ-ପୁଲିସ କ୍ୟାଡେଟ୍ କାର୍ଯ୍ୟକ୍ରମ



**କଣ୍ଟାମାଳ, ୧୬।୨(ସମିସ):** କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ଥାନା ଆମ୍ବଗାଁସ୍ଥିତ ଜନତା ସରକାରୀ ହାଇ ସ୍କୁଲରେ ଷ୍ଟୁଡେଣ୍ଟ ପୁଲିସ କେଡେଟ କାର୍ଯ୍ୟକ୍ରମ ପ୍ରଧାନଶିକ୍ଷକ ଶୁକଦେବ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଘଣ୍ଟାପଡ଼ା ଥାନାର ଏଏସଆଇ ପବିତ୍ର ମୋହନ ସାମଲ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସହକାରୀ ଗୋଷ୍ଠି ଶିକ୍ଷାଧିକାରୀ ତ୍ରିନାଥ ପାଣି କେଡ଼େଟର ଭୂମିକା ଉପରେ ବକ୍ତବ୍ୟ ରଖିଥିଲେ। ସହକାରୀ ଶିକ୍ଷକ ଧନ୍ୟବାଦ ଅର୍ପଣ କରିଥିବା ବେଳେ ସହକାରୀ ଶିକ୍ଷକ ଦେବାଶିଷ ଥନାପତି, ସୌମିତ୍ରୀ ପ୍ରଧାନ, ସନ୍ତୋଷ ପାତ୍ର, ମହେନ୍ଦ୍ର ସାହୁ, ବୃହସ୍ପତି କାଳସେ , ଅରୁଣ ରଣା ସହଯୋଗ କରିଥିଲେ।

# ଅଲ୍‌ଇଣ୍ଡିଆ ଫୁଟ୍‌ବଲ: ଆଫ୍ରିକା-୧୧କୁ ହରାଇ ସୋନପୁର ଚାମ୍ପିଅନ




**କଣ୍ଟାମାଳ, ୧୬।୨(ସମିସ):** କଣ୍ଟାମାଳ ଆଥଲେଟିକ ଆସୋସିଏସନ ଦ୍ୱାରା କଲେଜ ଖେଳପଡିଆରେ ଆୟୋଜିତ ପ୍ରଥମ ସର୍ବଭାରତୀୟ ଫୁଟବଲ ପ୍ରତିଯୋଗିତାର ଫାଇନାଲରେ ନାଇଜେରିଆର ଆଫ୍ରିକା-୧୧କୁ ୪-୨ ଗୋଲରେ ହରାଇ ସୋନପୁର ଶ୍ରେୟାଂଶ ସ୍ପୋର୍ଟି ଚାମ୍ପିଅନ ହୋଇଛି। ମୁଖ୍ୟଅତିଥି ଭାବେ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା କଣ୍ଟାମାଳ ବିଧାୟକ ମହିଧର ରଣା, ସମ୍ମାନିତ ଅତିଥି ପ୍ରତ୍ୟୁଷ ପ୍ରିୟଦର୍ଶୀ ରଥ, ଜିଲ୍ଲା କ୍ରିକେଟ ଓ ଫୁଟବଲ ଆସୋସିଏସନ ସମ୍ପାଦକ ଯୁଗଳ କିଶୋର ସାମଲ, ଉଦ୍ୟୋଗୀ କରୁଣାକର ସାହୁ, ପ୍ରକାଶ ସାହୁ ସରପଞ୍ଚ ପ୍ରତିନିଧି କଣ୍ଟାମାଳ, ସମାଜସେବୀ ତାପସ ଖଟୁଆ, ଅଜିତ ସାହୁ ସ୍ୱସ୍ତି ରେଷ୍ଟୁରାଣ୍ଟ ମାଲିକ, ବିଶ୍ୱରଞ୍ଜନ ସାହୁ, ସଂଜୀବ ସାହୁ, ମଧୁସୂଦନ ସାହୁ, ପ୍ରଶାନ୍ତ ସାହୁ, ମାନସ ସାହୁ, ସନତ ମିଶ୍ର ଯୋଗ ଦେଇଥିଲେ। ମହେନ୍ଦ୍ର ଦାସ ଓ ମନୋଜ ଶର୍ମା ଧାରା ବିବରଣୀ ଦେଇଥିଲେ। ଅଭିଲାଷ ପ୍ରସାଦ ସାହୁ, ପ୍ରକାଶ ପ୍ରଧାନ, ସଦାଶିବ ମହାନନ୍ଦ, ବିକାଶ ସେଠି, ଅମିତ ନାୟକ ପ୍ରମୁଖ ରେଫରୀ ଓ ଅବସରପ୍ରାପ୍ତ ଖେଳ ପ୍ରଶିକ୍ଷକ ବୀରେନ୍ଦ୍ର ସାହୁ କମିଶନର ଥିଲେ। ଆସୋସିଏସନର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ସର୍ବଭାରତୀୟ ରାମଧୂନ୍ କପ୍ ଫୁଟବଲ

# ବିହାରକୁ ହରାଇ ରାମଧୂନ କ୍ଲବ୍ ସେମିରେ

**ସୋନପୁର, ୧୬।୨ (ସମିସ):** ୧୫ତମ ଅଲ୍ ଇଣ୍ଡିଆ ରାମଧୂନ୍ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ଶୁକ୍ରବାର ମ୍ୟାଚରେ ବିହାରର ମା' କାମାକ୍ଷା କ୍ଲବ୍ ବକ୍ସରକୁ ୧-୦ରେ ହରାଇ ଆୟୋଜକ ରାମଧୂନ୍ କ୍ଲବ୍ ସେମି ଫାଇନାଲକୁ ପ୍ରବେଶ କରିଛି। ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ବିଜୟୀ ରାମଧୂନ୍ କ୍ଲବ୍ ଦଳର ଖେଳାଳି ଅଭୟ ମୁଣ୍ଡାଙ୍କୁ ପୁରସ୍କୃତ କରାଯାଇଥିଲା। ଶୁକ୍ରବାର ମୁଖ୍ୟଅତିଥି ଭାବେ ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ ଓ ସମ୍ମାନିତ ଅତିଥି ଭାବେ ଭେଟେରାନ୍ ଫୁଟବଲ୍ ଖେଳାଳି ଆଶାରାମ ନାଏକ, ଗୋବିନ୍ଦ ଦାସ ତରିଆ, ଯୁବ ସଂଗଠକ ଅରବିନ୍ଦ ବାରିକ, ପ୍ରାକ୍ତନ ପୌରାଧକ୍ଷ ପ୍ରକାଶଚନ୍ଦ୍ର ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ନିମନ୍ତ୍ରିତ ଅତିଥି ଭାବେ ବିହାର ଦଳର ପ୍ରଯୋଜକ ହୋତା ମୋଟର୍ସ୍ ଓ ରାମଧୂନ୍ କ୍ଲବ୍ ପ୍ରାୟୋଜକ ଆଲ୍ଫା ଏଜୁକେଶନ ହବ ଉପସ୍ଥିତ ଥିଲେ। ମୁଖ୍ୟ ରେଫରି ଭାବେ



ଦିଲ୍ଲୀପ ରାଉତଙ୍କ ସହ ସଲିଲ ବେହେରା, ଜୀତେନ୍ଦ୍ର ଥନାପତି ସହଯୋଗ କରିଥିଲେ।

ମନୋରଞ୍ଜନ ତ୍ରିପାଠୀ ଏବଂ ରାଇନୁ ଅଲ୍ଲୀ ଧାରା ବିବରଣୀ ଦେଇଥିଲେ। ବିକାଶ ପଣ୍ଡା, ସୋମନାଥ ମିଶ୍ର, ରଞ୍ଜୁ ସାହୁ, ରଘୁ ସାହୁ, ରାଜୀବ ସାହୁ, ବୁବୁନ ନାଏକ, ପରେନ୍ଦ୍ର ନାଏକ, ସନ୍ତୋଷ ପାଢ଼ୀ, ଚନ୍ଦନ ବେହେରା, ଜିଲୁ ସାହୁ, ଲିପୁନ ନାଏକ, ଚାହତ ମହମ୍ମଦ, ଶିବା ଶାଣ୍ଡ, ଗୁରୁ ଦଳେଇ, ରବି ଗୁରୁ, ସୋହୋମ ସାହୁ, ଅଂଶୁମାନ ପାଢ଼ୀ ପ୍ରମୁଖ ସହଯୋଗ କରିଥିଲେ। କ୍ଲବ ସମ୍ପାଦକ ପୀୟୂଷ ପଣ୍ଡାଙ୍କ ପୌରହିତ୍ୟରେ ପୁରସ୍କାର ବିତରଣ ଅନୁଷ୍ଠିତ ହୋଇଥିଲା।

# ବିକାଶର ସ୍ୱର୍ଣ୍ଣିମ ଅଧ୍ୟାୟ ଲେଖୁଛି 'ଆମ ଓଡ଼ିଶା ନବୀନ ଓଡ଼ିଶା'





**ରୂପ୍ରାରୋଡ/ଥୁଆମୂଳ ରାମପୁର/ ମ.ରାମପୁର/ ସିନାପାଲି, ୧୬।୨(ସମିସ)**

ଏବେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ଲେଖୁଛି ବିକାଶର ସ୍ୱର୍ଣ୍ଣିମ ଅଧ୍ୟାୟ ବୋଲି ସରିଆଁଠାରେ ଆୟୋଜିତ ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଛି। ନର୍ଲା ବ୍ଲକ ସରିଆଁ ପଞ୍ଚାୟତରେ 'ଆମ ଓଡିଶା ନବୀନ ଓଡିଶା' ସଚେତନତା କାର୍ଯ୍ୟକ୍ରମ ସରପଞ୍ଚ ଓମପ୍ରକାଶ ଛତ୍ରିଆଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଅଧିବେଶନରେ ମୁଖ୍ୟଅତିଥି ଭାବେ ରାଜ୍ୟସଭା ସାଂସଦ ସୁଜିତ କୁମାର, ବିଶିଷ୍ଟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟ ହରିଶଙ୍କର ମାଝୀ, ଜିଲ୍ଲା ସରପଞ୍ଚ ସଂଘ ସଭାପତି ସୁବୋଧ ରଣା, ରକ୍ସି ସରପଞ୍ଚ ଯେମନ୍ତ ପୋଡ, ଘଣ୍ଟମାଳ ସରପଞ୍ଚ ଦେବେନ୍ଦ୍ର ସା, ସରିଆଁ ହାଇସ୍କୁଲର ପ୍ରଧାନଶିକ୍ଷକ ସାଧୁରାମ ଭୋଇ ଯୋଗ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ମୁଖ୍ୟଅତିଥି ଭାବେ ନର୍ଲା ସରପଞ୍ଚ ସଂଘ ସଭାପତି ଅନ୍ତରାମ ମାଝୀ, ସମ୍ମାନିତ ଅତିଥି ଭାବେ ଓଡ଼ିଆ ବାର୍ତ୍ତା ସଂପାଦକ ତଥା ସଂସ୍କୃତି ଗବେଷକ ସୁନୀଲ ଧଙ୍ଗଡାମାଝୀ, ବାଗପୁର ସରପଞ୍ଚ ଗୋପାଳଚନ୍ଦ୍ର ହାତୀ, ସେରଗଡ ସରପଞ୍ଚ ରାହୁଲ ସାହୁ, ନାଏବ ସରପଞ୍ଚ ଲୋଚନା ଘରଡା, ସରିଆଁ ସମିତି ସଭ୍ୟ ଭାସ୍କର ଭୋଇ, ରାକ୍ସି ସମିତି ସଭ୍ୟ ତୁମନ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଉଦଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ନର୍ଲା ବ୍ଲକ ଉପାଧ୍ୟକ୍ଷ ଦୁର୍ଗାପ୍ରସାଦ ମହାନ୍ତି, ସମ୍ମାନିତ ଅତିଥି ଭାବେ ନର୍ଲା ବ୍ଲକ ବିଜେଡି ସାଧାରଣ ସମ୍ପାଦକ ଭୋପାଳ ନାଗ, ନର୍ଲା ବ୍ଲକ ଯୁବ ବିଜେଡ଼ି ସଭାପତି ବିଜୟ ଧଙ୍ଗଡାମାଝୀ, ସମାଜସେବୀ ଅର୍ଜୁନ ପଧାନ, ବୈଦ୍ୟରାଜ ପବିତ୍ର ଶବର ପ୍ରମୁଖ ମଞ୍ଚାସୀନ ଥିଲେ। ସରିଆଁ ପିଇଓ ଜିତେନ୍ଦ୍ର ଯୋଶୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା କରିଥିଲେ ଯୁବ ଲେଖକ ସୁଶିଲ ବାଗ। ଏହି ଅବସରରେ ଅନେକ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ସଚେତନତା ପ୍ରଦର୍ଶନୀ ଷ୍ଟଲ ଲାଗିଥିଲା। ଏଥିରେ ପଞ୍ଚାୟତର ହଜାର ହଜାର ଲୋକେ ଉପସ୍ଥିତ ରହିଥିଲେ। ଟିଟିଲାଗଡ଼ର ବଜାସାଲ୍ ଓ ଢାପ୍ ଦର୍ଶକଙ୍କ ମନ ମୋହି ଥିବାବେଳେ ଖଞ୍ଜଣି, ବନାବାଡି ସମେତ ଅନେକ ଲୋକନୃତ୍ୟ ପରିବେଷିତ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମର ମଞ୍ଚ ସଂଯୋଜନା କରିଥିଲେ ସ୍ୱାଧିନ କୁମାର ଭୋଇ। ପଞ୍ଚାୟତର ଗ୍ରାମରୋଜଗାର ସେବକ ସୁନୀଲ ଭୋଇ, ଯୋଗାଣ ସହାୟକ ସଂଜିତ ଭୋଇ, ସେବକ ରାଜୁ ଛାତ୍ରଙ୍କ ସମେତ ଉକ୍ତ ପଞ୍ଚାୟତର ସମସ୍ତ ୱାର୍ଡସଭ୍ୟ ସହଯୋଗ କରିଥିଲେ। ସରପଞ୍ଚ ଓମପ୍ରକାଶ ଛତ୍ରିଆ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ଥୁଆମୂଳ ରାମପୁର ବ୍ଲକ ଡୁମେରପଦର ପଞ୍ଚାୟତରେ 'ଆମ ଓଡିଶା ନବୀନ ଓଡିଶା' ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।



ସରପଞ୍ଚଙ୍କ ଅନୁପସ୍ଥିତିରେ ନାଏବ ସରପଞ୍ଚ ପ୍ରସନ୍ନ ନାଏକ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଥୁଆମୂଳ ରାମପୁର ପଞ୍ଚାୟତସମିତି ଅଧ୍ୟକ୍ଷ ଦୟାନିଧି ମାଝୀ ଏବଂ ସମ୍ମାନିତଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟା ପ୍ରମିଳା ମାଝୀ, ସମିତିସଭ୍ୟ ରାଇଦାସ ନାଏକ, ତଳଝାପି ସରପଞ୍ଚ ସୋଭାସିଂ ମାଝୀ, ସାମାଜିକ ସୁରକ୍ଷା ଅଧିକାରୀ ସୁନାରାମ ସୋରେନ ଉପସ୍ଥିତ ଥିଲେ। ପୁଲିସ ପ୍ରଶାସନ ସମେତ ପଞ୍ଚାୟତର ଆଦର୍ଶ ଅଙ୍ଗନବାଡି, ଆଶା କର୍ମୀ ସମାଜସେବୀ ତଥା ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ବିଭିନ୍ନ ବିଭାଗର ସଚେତନତା ପ୍ରଦର୍ଶନୀ ଷ୍ଟଲ ଲାଗିଥିଲା। ପଞ୍ଚାୟତର ଶତାଧିକ ଲୋକେ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମର ନୋଡାଲ ଅଧିକାରୀ ତଥା କନିଷ୍ଠ ଯନ୍ତ୍ରୀ ମଳୟ ଶତପଥୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ପଞ୍ଚାୟତର ନିର୍ବାହୀ ଅଧିକାରୀ ପ୍ରେମଚାନ୍ଦ ରଣା। ପଞ୍ଚାୟତର ନାଏବ ସରପଞ୍ଚ ପ୍ରସନ୍ନ ନାଏକ, ଗ୍ରାମ ରୋଜଗାର ସେବକ ଲଛମନ ନାଏକଙ୍କ ସମେତ ସମସ୍ତ ୱାର୍ଡସଭ୍ୟ ସହଯୋଗ କରିଥିଲେ।

ମ.ରାମପୁର ଦୁର୍ଗା ମାଧବ ହାଇସ୍କୁଲ ଖେଳ ପଡିଆରେ ଆମ ଓଡିଶା ନବୀନ ଓଡିଶା ମ.ରାମପୁର ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ବୀଣାପାଣି ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟସଭା ସାଂସଦ ସୁଜିତ କୁମାର, ମୁଖ୍ୟବକ୍ତା ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟ ନର୍ଲା, ହରିଶଙ୍କର ମାଝୀ, ବ୍ଲକ ଅଧ୍ୟକ୍ଷା ମନ୍ଦାକିନୀ ସିଂହଦେଓ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସବ୍ୟସାଚୀ ବେହେରା, ସମାଜସେବୀ ଗୋବିନ୍ଦ ପ୍ରସାଦ ଶତପଥୀ, ରାଜ୍ୟ ସରପଞ୍ଚ ମହାସଂଘ ସଭାପତି ରୋମାଞ୍ଚ ସାହୁ, କଳାହାଣ୍ଡି ଜିଲ୍ଲା ସରପଞ୍ଚ ସଂଘ ସଭାପତି ସୁବୋଧ ରଣା, ସମିତିସଭ୍ୟା ପ୍ରତିମା ମାଝୀ, ନାଏବ ସରପଞ୍ଚ ପ୍ରଶାନ୍ତ ମହାରଣା, ପଞ୍ଚାୟତ ନିର୍ବାହୀ ଅଧିକାରୀ ହେମାନନ୍ଦ ନାଏକ ଯୋଗ ଦେଇଥିଲେ। ପରେ ସ୍ଥାନୀୟ କଳାକାର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସାମ୍ବାଦିକ ହେମନ୍ତ ସାହୁ ମଞ୍ଚ ପରିଚାଳନା କରିଥିଲେ। ଯୁବନେତା ବିକାଶ ରଞ୍ଜନ ସିଂହଦେଓ, ସତ୍ୟନାରାୟଣ ସାହୁ, ପ୍ରଦୀପ ପାଣିଗ୍ରାହୀ, ଭବାନୀ ଶଙ୍କର ସାହୁ ସମେତ ଶତାଧିକ ପୁରୁଷ ମହିଳା ଉପସ୍ଥିତ ଥିଲେ।

ଶୁକ୍ରବାର ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକର ନୂଆମାଳପଡ଼ା ପଞ୍ଚାୟତ ସମେତ ନଙ୍ଗଲବୋର୍ଡ ଓ କଇଁଟପଦର ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନ ଶିବିର ଅନୁଷ୍ଠିତ ହୋଇଯାଇଛି। ସୀମାନ୍ତବର୍ତ୍ତି ନୂଆମାଳପଡା ଗ୍ରାମପଞ୍ଚାୟତରେ ଅନୁଷ୍ଠିତ ସମାବେଶରେ ଅତିଥି ଭାବରେ ଜିଲ୍ଲା ପରିଷଦ ସଦସ୍ୟା ପୁଷ୍ପାଞ୍ଜଳି ଗୁଆଲ, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ସଦସ୍ୟା ମନ୍ଦାକିନୀ ବଘେଲ, ସିନାପାଲି ବିଡ଼ିଓ ସର୍ବେଶ୍ୱର ଜାଲ, ସିନାପାଲି ବ୍ଲକ କେଶିଆର ଦିଲୀପ କର, ସିନାପାଲି ବ୍ଲକ ସରପଞ୍ଚ ସଙ୍ଘ ସଭାପତି ଖୁଟୁରାମ ସୁନାନୀ, ସ୍ଥାନୀୟ ସରପଞ୍ଚ ବନିତା ପୋଢ଼, ସମିତିସଭ୍ୟ ଟୋପଚନ ମାଝି, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଢ଼କନଲାଲ ଚଳାନ, ସାମାଜିକ କର୍ମୀ ଗଣେଶ ପୋଢ଼, ଉଜ୍ଜ୍ୱଳ ସିଂ ମାଝି ସଚେତନ ବାର୍ତ୍ତା ଦେଇଥିଲେ। ସେହିପରି କଇଁଟପଦର ପଞ୍ଚାୟତରେ ଜିଲ୍ଲା ପରିଷଦ ସଦସ୍ୟା ପୁଷ୍ପାଞ୍ଜଳି ଗୁଆଲ ଯୋଗଦାନ କରିଥିବା ବେଳେ ସ୍ଥାନୀୟ ସରପଞ୍ଚ ପୁଷ୍ପାଞ୍ଜଳି ହଂସ, ସମିତିସଭ୍ୟ ନରହରି ହଂସ, ନାଏବ ସରପଞ୍ଚ ତିଲୋତ୍ତମା ହେର୍ଣା, କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୟ ପ୍ରଧାନ ଯୋଗଦାନ କରିଥିଲେ। ସେହିପରି ବଣପାହାଡ ଘେରା ନଙ୍ଗଲବୋର୍ଡ ପଞ୍ଚାୟତରେ ମଧ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ଜିଲ୍ଲା ପରିଷଦ ସଦସ୍ୟା ପୁଷ୍ପାଞ୍ଜଳି ଗୁଆଲ, ସମ୍ମାନିତ ଅତିଥି ଭାବରେ ସରପଞ୍ଚ ଜଗଦୀଶ ମାଝି, ସମିତିସଭ୍ୟ ଡିଙ୍ଗର ମାଝି, ସ୍ଥାନୀୟ ନଙ୍ଗଲବୋର୍ଡ ସେବାଶ୍ରମର ପ୍ରଧାନଶିକ୍ଷକ ଖଗେଶ୍ୱର ମାଝି, ଭଟ୍ଟାପାଣି ହାଇସ୍କୁଲ ପ୍ରଧାନ ଶିକ୍ଷକ ନିରାକାର ସାହୁ, ନାଏବ ସରପଞ୍ଚ ଆଶା ଚିନ୍ଦା ପ୍ରମୁଖ ଯୋଗଦାନ କରିଥିଲେ। ଏହି ଅବସରରେ ସେବାଶ୍ରମର ଛାତ୍ରଛାତ୍ରୀଙ୍କୁ ନେଇ ସଚେତନତାଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନୂଆମାଳପଡା ପଞ୍ଚାୟତରେ କୋମନା ବ୍ଲକ ଜଗନ୍ନାଥପାଲିର ପାଲା ଓ କଇଁଟପଦର ପଞ୍ଚାୟତରେ କସେଇ ପାଣି ଗ୍ରାମର କଳାକାରଙ୍କୁ ନେଇ ପାଲା ପରିବେଷଣ ହୋଇଥିଲା।

## ସମନ୍ୱୟ ପରେ ହେଲା ରାସ୍ତା ସମସ୍ୟାର ସମାଧାନ

**କେସିଙ୍ଗା, ୧୬।୨(ସମିସ):** ଦୀର୍ଘ ଦୁଇ ସପ୍ତାହ ପରେ କିକିଆରୁ ରାଣୀପଡ଼ା ଓ ଗ୍ରାମପଞ୍ଚାୟତ ଅଫିସ ଆଗକୁ ମା' ଯୋଗମାୟା ପୀଠ ରାସ୍ତାର ଇତିମଧ୍ୟରେ ସ୍ଥାୟୀ ସମାଧାନ ହୋଇଥିବା ଖବର ମିଳିଛି। ଗତ ଜାନୁଆରୀ ୨୬ ତାରିଖରୁ କିକିଆରୁ ଗୁର୍ଜୀମୁଣ୍ଡାକୁ ସଂଯୋଗ କରୁଥିବା ରାସ୍ତା କିକିଆ ଗ୍ରାମର ପ୍ରକାଶ ପ୍ରଧାନ ତାଙ୍କ ନିଜସ୍ୱ ଜାଗା ବୋଲି କହି ରେକଡ୍ ପତ୍ର ଦେଖାଇବା ସହ ଅଦାଲତର ନିର୍ଦ୍ଦେଶ ନାମ ମଧ୍ୟ ଦେଖାଇ ରାସ୍ତାକୁ ମଝିରୁ କୋଡ଼ି ଦେଇଥିଲେ ଫଳରେ ଛୋଟ ବଡ଼ କୌଣସି ଗାଡ଼ି ମଟର ପଞ୍ଚାୟତ ଅଫିସ୍ ପର୍ଯ୍ୟନ୍ତ ମଧ୍ୟ ଯାଇ ପାରୁ ନଥିଲା। ଗତ ୧୩ ତାରିଖ ସ୍ଥାନୀୟ ଲୋକେ ଜିଲ୍ଲାପାଳଙ୍କୁ ଯାଇ ନିଜ ଦୁଃଖ ଜଣାଇଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଗତ ଗୁରୁବାର କେସିଙ୍ଗା ବିଡ଼ିଓ ପଦ୍ମନାଭ ପୁରୋହିତ ତହସିଲଦାର ପ୍ରଶାନ୍ତି ପ୍ରଧାନ କିକିଆ ଯାଇ ଗ୍ରାମବାସୀ, ପଞ୍ଚାୟତ ପ୍ରତିନିଧି ଓ ଜାଗା ମାଲିକ ପ୍ରକାଶ ପ୍ରଧାନଙ୍କୁ ଡାକି ସମନ୍ୱୟ ବୈଠକ ଅନୁଷ୍ଠିତ କରାଯାଇଥିଲା। ପରେ ଜମି ମାଲିକଙ୍କୁ ବୁଝାସୁଝା କଲାପରେ ଜମି ମାଲିକ ତାଙ୍କ ସ୍ୱର୍ଗତ ଅଜା ଉତ୍ସବାନନ୍ଦ ପ୍ରଧାନଙ୍କ ଏକ ପ୍ରତିମୂର୍ତ୍ତି ସ୍ଥାପନ କଲେ ରାସ୍ତା ଛାଡିଦେବି ବୋଲି କହିଥିଲେ। ପ୍ରଶାସନ ଓ ଗ୍ରାମବାସୀ ତାଙ୍କ କଥାରେ ସହମତ ହେବାରୁ ସମସ୍ୟାର ସ୍ଥାୟୀ ସମାଧାନ ହୋଇଥିବା ଜଣାପଡ଼ିଛି।

## ବାର୍ଦ୍ଧକ୍ୟ ଭତ୍ତା ପାଇଁ ବାଧକ ସାଜିଛି କାଗଜପତ୍ର

**ଜୟପାଟଣା, ୧୬।୨(ସମିସ):** ଅସହାୟ ଅବହେଳିତ ବୃଦ୍ଧବୃଦ୍ଧାଙ୍କୁ ସରକାରୀ ସାହାଯ୍ୟ କରିବା ପାଇଁ ସରକାର ବିଭିନ୍ନ ଯୋଜନା ମାନ ଲାଗୁ କରୁଛନ୍ତି; କିନ୍ତୁ ପରିଚୟପତ୍ରରେ ଜନ୍ମ ତାରିଖ ଭୁଲ ଯୋଗୁଁ ଭତ୍ତା ପାଇବାରୁ ବଞ୍ଚିତ ଜୟପାଟଣା ବ୍ଲକ ବାଣ୍ଡିଗାଁ ପଞ୍ଚାୟତ ରେଙ୍ଗାଲପାଲି ଗାଁର କମଲୁ ଲହାଜଲ୍ (୭୫) ଓ ଭବାନୀ ରାଉତ (୬୦)। ପରିଚୟ ପତ୍ର ମାଧ୍ୟମରେ ମଣିଷ ପରିଚୟ ପାଏ ସତ, ମାତ୍ର ସେହି ପରିଚୟପତ୍ରରେ ଯଦି ଜନ୍ମ ତାରିଖ ଭୁଲ ହୋଇଯାଏ ତେବେ ମଣିଷ ପାଇଁ ସରକାରୀ ଯୋଜନା ପାଲଟିଯାଏ ସାତ ସପନ। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ବାଣ୍ଡିଗାଁ ପଞ୍ଚାୟତ ରେଙ୍ଗାଲପାଲି ଗାଁରେ। ପରିଣତ ବୟସରେ ମଧ୍ୟ ଭତ୍ତା ପାଇବାରୁ ବଞ୍ଚିତ ଗାଁର କମଲୁ ଲହାଜଲ୍ ଓ ଭବାନୀ ରାଉତ। କମଲୁ ଲହାଜଲଙ୍କ ବୟସ ୭୫ ବର୍ଷ ହୋଇଥିବା ବେଳେ ଭବାନୀ ରାଉତଙ୍କ ବୟସ ୬୦ରୁ ଉର୍ଦ୍ଧ। ଏହି ବୃଦ୍ଧ ଦମ୍ପତି ଅତି ଗରିବ ଶ୍ରେଣୀର ହୋଇଥିବା ବେଳେ କୁଲୀ ମଜୁରୀ କଲେ ଘରେ ଚୁଲି ଜଳେ। ପରିବାର କହିଲେ ତାଙ୍କର କେହି ନାହାନ୍ତି ଦୁଇ ଜଣ ହିଁ ଦୁଇ ଜଣଙ୍କ ସାହାରା ହୋଇଥିବା ବେଳେ ତାଙ୍କୁ ନା ମିଳିଛି ଘର ଖଣ୍ଡେ ନା ମିଳିଛି ବାର୍ଦ୍ଧକ୍ୟ ଭତ୍ତା। ଶେଷରେ ବିଡ଼ିଓଙ୍କ ଦ୍ୱାରସ୍ଥ ହୋଇଛନ୍ତି ଏହି ଦମ୍ପତି। ପରିଚୟପତ୍ରରେ ବୟସର ତ୍ରୁଟି ଯୋଗୁଁ ଆଜି ଯାଏଁ ବାର୍ଦ୍ଧକ୍ୟ ଭତ୍ତା ପାଇ ପାରିନାହାନ୍ତି ଏହି ଦମ୍ପତି। ବର୍ତ୍ତମାନ ବୃଦ୍ଧାଙ୍କ ଡାକ୍ତରୀ ରିପୋର୍ଟ ପାଇଁ ପଠାଇବା ସହ ଡାକ୍ତରଙ୍କ ରିପୋର୍ଟ ପରେ ବାର୍ଦ୍ଧକ୍ୟ ଭତ୍ତା ମଞ୍ଜୁର କରିଛନ୍ତି। ଦେଖିବାକୁ ବାକି ରହିଲା ଏଭଳି ପରିଚୟ ପତ୍ର ତ୍ରୁଟି ପାଇଁ ବାର୍ଦ୍ଧକ୍ୟ ଭତ୍ତା ପାଇ ପାରୁନଥିବା ବୃଦ୍ଧା ମାନଙ୍କୁ ସରକାର କେବେ ଚିହ୍ନଟ କରିବେ। ଉପଯୁକ୍ତ ବୟସ ସୀମାର ଲୋକେ ଭତ୍ତାର ଲାଭ ପାଇ ପାରିବେ।

## ରାଣୀମୁଣ୍ଡା ଗୋଁଣ୍ଡ ସାଂସ୍କୃତିକ ସର୍କଲ୍‌ର ସଚେତନତା କାର୍ଯ୍ୟକ୍ରମ

**ସିନାପାଲି, ୧୬।୨ (ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଅନ୍ତର୍ଗତ ରାଣ୍ଡିମୁଣ୍ଡା ଗୋଁଣ୍ଡ ସର୍କଲ ସମାଜର ସଭାପତି ଗଣେଶ ରାମ ମରକାମ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ବ୍ଲକ୍ ଗୋଁଣ୍ଡ ସମାଜ୍ ସଭାନେତ୍ରି ରତ୍ନାକାନ୍ତି ସୋରୀ, ମୁଖ୍ୟବକ୍ତା ଭାବରେ ସମାଜସେବୀ ରାଜମନ ନେତାମ ବିଶିଷ୍ଟ ଅତିଥି ଜଇମନ୍ ନେତାମ ଅବସରପ୍ରାପ୍ତ ଶିକ୍ଷକ, ସମ୍ମାନିତ ଅତିଥି ଦୁର୍ବଳ ନେତାମ, ଶଙ୍କରଲାଲ ନେତାମ, ହେଜରାମ ନେତାମ, କୋଷାଧ୍ୟକ୍ଷ ତ୍ରିଲୋଚନ ମରକାମ, ମନୋହର ନେତାମ, ଲଛମନ୍ ସୋରି, ସହସଂପାଦକ ବିଶିଚନ୍ଦନ ନେତାମ, ପୁସ୍ତମ ନେତାମ, ନାଏକପଡ଼ା ମାଦି ମୁଖିଆ ଲଖିଧର ନେତାମ, ତପେଶ୍ୱର ନେତାମ, ପଣ୍ଡିତ



ସାଂସ୍କୃତିକ ସର୍କଲ ସମାଜ ପକ୍ଷରୁ ରାଣୀମୁଣ୍ଡା ନାଏକପଡ଼ା ମାଦିଂ ସମାଜର ମିଳିତ ଆନୁକୂଲ୍ୟରେ ନାଏକପଡ଼ା ଠାରେ ସଚେତନତା ବାର୍ତ୍ତା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଣୀମୁଣ୍ଡା ଗୋଁଣ୍ଡ ସାଂସ୍କୃତିକ ଭାବେ ଅବସରପ୍ରାପ୍ତ ତହସିଲ୍‌ଦାର ହୃଦାନନ୍ଦ ମର୍କାମ ଯୋଗ ଦେଇଥିବା ବେଳେ ଗୋଁଣ୍ଡ ସମାଜ ଉପସଭାନେତ୍ରୀ ସିନାପାଲି ଓ ଗୋଁଣ୍ଡି ଧର୍ମ ପ୍ରଚାରକ ଅମ୍ବିକା ମର୍କାମ ବୈଜଲ ଗଡ଼ ଉଚ୍ଚ ବିଦ୍ୟାଳୟ ଶିକ୍ଷୟତ୍ରୀ ତଥା ସିନାପାଲି ମର୍କାମ ଲମ୍ବୋଧର ମରକାମ ଉପସ୍ଥିତ ଥିଲେ। ଶିକ୍ଷା, ନିଶା ନିବାରଣ, ସମାଜ ସୁଦୃଢ଼, ସମାଜରେ ଗୋଠୁଲ୍ ଶିକ୍ଷା ବ୍ୟବସ୍ଥା, ଆଗାମୀ ପିଢ଼ିକୁ ଶିକ୍ଷାର ସାଂସ୍କୃତିକ ବିପ୍ଳବ ସାଙ୍ଗକୁ ରୋଜଗାରକ୍ଷମ ହେବାକୁ ଆହ୍ୱାନ ଦେଇଥିଲେ।

## ୯ କେନ୍ଦ୍ରରେ ମାଟ୍ରିକ ପରୀକ୍ଷା ଦେବେ ୧୫୪୫ ଛାତ୍ରଛାତ୍ରୀ

**କୋକସରା, ୧୬।୨(ସମିସ):** ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଆସନ୍ତା ୨୦ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ଚଳିତ ଥର କପି ରୋକିବାକୁ ଓ ଖରା ପାଇଁ ବିଶେଷ ପଦକ୍ଷେପ ନିଆଯାଇଛି। ସକାଳ ୯ଟାରେ ପରୀକ୍ଷା ହେବାକୁ ଥିବାବେଳେ ୭.୩୦ରୁ ୮ଟା ୧୫ ସୁଦ୍ଧା ପରୀକ୍ଷା କେନ୍ଦ୍ରରେ ଏଣ୍ଟ୍ରି କରିବା ନେଇ ସୂଚନା ରହିଛି। ଚଳିତ ବର୍ଷ କୋକସରା ବ୍ଲକରେ ୯ଟି ପରୀକ୍ଷା କେନ୍ଦ୍ରରେ ମୋଟ ୧୫୪୫ ଛାତ୍ରଛାତ୍ରୀ ପରୀକ୍ଷା ଦେବା ନେଇ ସୂଚନା ମିଳିଛି। ବ୍ଲକର ଜବାହର ଉଚ୍ଚ ବିଦ୍ୟାଳୟ ନୋଡାଲ କେନ୍ଦ୍ର ସମେତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ କାଉଡୋଲା, ଲଦୁଗାଁ ଉଚ୍ଚ ବିଦ୍ୟାଳୟ, ବୁଢ଼ାରଜା ଉଚ୍ଚ ବିଦ୍ୟାଳୟ ଆମପାଣି, ଏସଏସଡି ଉଚ୍ଚ ବିଦ୍ୟାଳୟ ଆମପାଣି, ଇନ୍ଦ୍ରାବତୀ ଉଚ୍ଚ ବିଦ୍ୟାଳୟ ଡଙ୍ଗରୀଗୁଡା, ଡହଗାଁ ଉଚ୍ଚ ବିଦ୍ୟାଳୟ, ନେଗୀଗୁଡା ହାଇସ୍କୁଲ, ମହାତ୍ମାଗାନ୍ଧୀ ଉଚ୍ଚ ବିଦ୍ୟାଳୟ ମାଝୀଗୁଡା ଆଦି କେନ୍ଦ୍ରରେ ବ୍ଲକର ୨୨ ଗୋଟି ଉଚ୍ଚ ବିଦ୍ୟାଳୟର ମୋଟ ୧୫୪୫ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବା ନେଇ ନୋଡାଲ ପରୀକ୍ଷା କେନ୍ଦ୍ର ଅଧିକାରୀ ତଥା କୋକସରା ଜବାହର ଉଚ୍ଚ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ସୁଧୀର ପଣ୍ଡା ସୂଚନା ଦେଇଛନ୍ତି।

**କୋକସରା ବ୍ଲକ**




## ଖଡ଼ିଆଳ ବ୍ଲକ୍‌ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା



**ନୂଆପଡା/ଖଡ଼ିଆଳ, ୧୬।୨(ସମିସ):** ନୂଆପଡା ଜିଲ୍ଲା ଖଡ଼ିଆଳସ୍ଥିତ ଉତ୍କଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ନେଇ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ବ୍ଲକ ଶିକ୍ଷାଧିକାରୀ ସରୋଜ ବେହେରା, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଏବିଇଓ ପ୍ରମୋଦନାଥ ପତି, ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସଙ୍ଗୀତା ପାଲ, ସିଆରସିସି ପ୍ରଶାନ୍ତ ପଣ୍ଡା, ସିଆରସିସି ଜିତେନ୍ଦ୍ର ସାହୁ, ରାଜାଏଟି ହାଇସ୍କୁଲର କ୍ରୀଡା ଶିକ୍ଷକ ରତନ ସିଂ ବାରିକ ପ୍ରମୁଖ ମଞ୍ଚାସୀନ ଥିଲେ। କୃତୀ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯାଇଥିଲା। ପୁଣି କ୍ରୀଡା ଯେତେ ସବୁ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ଭାଗ ନେଇଥିଲେ ସମସ୍ତଙ୍କୁ ସାନ୍ତ୍ୱନା ମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ବିଆରଟି ଗୋପାଳକୃଷ୍ଣ ମେହେର ଓ ବିଆରଟି ମନୋଜ ପାଣିଗ୍ରାହୀ ପରିଚାଳନା କରିଥିଲେ। ଏଥିରେ ବ୍ଲକର ବିଭିନ୍ନ ବିଭାଗର କର୍ମଚାରୀ ସହଯୋଗ କରିଥିଲେ।

## ଜ୍ୟୋତିର୍ବିତ୍ ତପିବର ସ୍ୱାଇଁଙ୍କ ପରଲୋକ



**କେସିଙ୍ଗା, ୧୬।୨(ସମିସ):** କେସିଙ୍ଗା ବ୍ଲକ ବୋରିଆ ପଞ୍ଚାୟତ ବୋରିଆ ଗାଁ ପାକେଲପଡାର ଜ୍ୟୋତିର୍ବିତ୍ ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତପିବର ସ୍ୱାଇଁଙ୍କ ଆଜି ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୮୨ ବର୍ଷ ହେଉଥିଲା। ସେ ବାର୍ଦ୍ଧକ୍ୟ ଜନିତ କାରଣରୁ ଘରେ ଶଯ୍ୟାଶାୟୀ ଥିଲେ। ପୂର୍ବରୁ ତାଙ୍କ ଧର୍ମପତ୍ନୀଙ୍କ ମଧ୍ୟ ଦେହାନ୍ତ ହୋଇସାରିଛି। ମୃତ୍ୟୁ ସମୟରେ ପୁଅ, ବୋହୂ, ନାତିନାତୁଣୀ, ଆତ୍ମୀୟ ପରିଜନ ଉପସ୍ଥିତ ଥିଲେ। ତାଙ୍କର ଦୁଇପୁଅ କୁଶଧ୍ୱଜ ଏବଂ ଇନ୍ଦୁଭୂଷଣ ରହିଛନ୍ତି। ସେ ଉକ୍ତ ଅଞ୍ଚଳରେ ଜ୍ୟୋତିଷଶାସ୍ତ୍ର ଗଣନା ପାଇଁ ପରିଚିତ ଥିଲେ। ତାଙ୍କର ମରଶରୀରକୁ ଗାଁ ନିକଟ ରେତନଦୀ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଛି। ବଡ଼ପୁଅ କୁଶଧ୍ୱଜ ମୁଖାଗ୍ନି ଦେଇଥିଲେ। ତାଙ୍କ ପରଲୋକରେ ପରିଚିତ ମହଲରେ ଗଭୀର ଶୋକ ପ୍ରକାଶ ପାଇଛି।

## ନର୍ଦ୍ଦମା ପାଣି, ଖାଲଖମା ଓ ଆବର୍ଜନାରେ ବୁଡ଼ିଛି ନର୍ଲା ସହର

**ନର୍ଲା,୧୬।୨(ସମିସ)**

ମାସ ମାସ ଧରି ସହର ରାସ୍ତାରେ ବହୁଛି ନର୍ଦ୍ଦମା ପାଣି। ମୁଖ୍ୟରାସ୍ତାଠାରୁ ଆରମ୍ଭ କରି ଗଳିକନ୍ଦିରେ ନର୍ଦ୍ଦମା ପାଣି ଓ ଆବର୍ଜନା। ଖାଲଖମାରେ ଭର୍ତ୍ତି ମୁଖ୍ୟ ସଡ଼କ ଓ ବସ୍ତି। ନର୍ଦ୍ଦମା ପାଣି ଓ ଖାଲଖମା ଯୋଗୁଁ ବସ୍ତି ବାସିନ୍ଦା ସହ ପଥଚାରୀ ସମସ୍ୟାର ସମ୍ମୁଖୀନ ହେଉଥିଲେ ହେଁ କାହାରି ନିଘା ନାହିଁ। ଦୈନିକ ରାଜନେତାଙ୍କଠାରୁ ପ୍ରଶାସନିକ ଅଧିକାରୀ ଏହି ରାସ୍ତାରେ ଯାତାୟାତ କରୁଥିବା ବେଳେ ଆଶ୍ଚର୍ଯ୍ୟର ବିଷୟ ସେମାନଙ୍କ ନଜରକୁ ଏହା ଆସୁନାହିଁ। ଏଭଳି ସ୍ଥିତିରେ ଏଠାରେ ବସବାସ କରୁଥିବା ଲୋକଙ୍କ ସମସ୍ୟା ବୁଝିବ କିଏ ଏହା ସାଧାରଣରେ ପ୍ରଶ୍ନ ଉଠୁଛି। ନର୍ଲା ମୁଖ୍ୟ ରାସ୍ତା ପ୍ରଶସ୍ତୀକରଣ ନାଁରେ ଗତ ପଞ୍ଚାୟତ ନିର୍ବାଚନ ସମୟରୁ କାମ



ଆରମ୍ଭ ହୋଇଛି, ହେଲେ ନିର୍ବାଚନ ସରି ପାଖାପାଖି ଦୁଇ ବର୍ଷ ହେଲା କାମ ଆରମ୍ଭ ହୋଇନାହିଁ। ପ୍ରଶସ୍ତିକରଣ ପୂର୍ବରୁ ରାସ୍ତା କଡ଼ରେ ଥିବା ଜଳଯୋଗାଣ ପାଇପ୍, ଟେଲିଫୋନ କେବୁଲ୍ ଓ ବିଦ୍ୟୁତ ସଂଯୋଗ ସମ୍ପ୍ରସାରଣ କାର୍ଯ୍ୟ ହେବା କଥା। ସୂଚନା ଅନୁଯାୟୀ କୋଟି କୋଟି ଟଙ୍କାର ବ୍ୟୟ ଅଟକଳ ଥିବା ଏହି କାମରେ ଠିକାଦାର ମାନେ ବିଭାଗୀୟ ଯନ୍ତ୍ରୀ ଓ କର୍ମଚାରୀ ମାନଙ୍କ ବୋଲରେ ନାହାନ୍ତି। ଲୋକସଂଖ୍ୟା ବୃଦ୍ଧି ଓ ସେହି ଅନୁପାତରେ ଗୃହ ନିର୍ମାଣ କାର୍ଯ୍ୟ ବହୁ ପରିମାଣରେ ଚାଲିଛି। ଯାହା ଫଳରେ ବର୍ଷାଜଳ ଓ ମୁଖ୍ୟରାସ୍ତା କଡ଼ରେ ଥିବା ଡ୍ରେନ୍ ଗୁଡ଼ିକର ଜଳ ନିଷ୍କାସନର ରାସ୍ତା ଅବରୋଧ ହେଉଛି। ଫଳରେ ଆବର୍ଜନମୟ ଜଳ ସହରର ରାସ୍ତା ଉପରେ ପ୍ରବାହିତ ହେଉଛି। ସହରର ଡ୍ରେନେଜ ବ୍ୟବସ୍ଥା ନଥିବା ଯୋଗୁଁ ରାସ୍ତା କଡ଼ରେ ଖାଲଖମାରେ ପାଣି ଜମି ରହୁଛି। ଯାହା ଫଳରେ ବର୍ଷ ତମାମ ସହରରେ ଅସ୍ୱାସ୍ଥ୍ୟକର ପରିବେଶ ଲାଗିରହିଛି। ଏଥିପାଇଁ ଉକ୍ତ ସମୟରେ କୌଣସି ଅପ୍ରୀତିକର ପରିସ୍ଥିତିକୁ ସୃଷ୍ଟି ହେବାର ଆଶଙ୍କା ରହିଛି। ବ୍ଲକ ସଦର ମହକୁମାର ସ୍ଥିତି ଦେଖିଲେ ଅନ୍ୟ ଅଞ୍ଚଳର ଦୁର୍ଦ୍ଦଶା ବିଷୟରେ ସହଜରେ ଅନୁମାନ କରାଯାଇପାରିବ।

## ବିକାଶ ମଞ୍ଚ ଓ ସ୍ଥାନୀୟ ପ୍ରଶାସନର ଟୋଲ ଟ୍ୟାକ୍ସ ସମ୍ପର୍କିତ ବୈଠକ

**କେସିଙ୍ଗା, ୧୬।୨(ସମିସ):** ଗତ ଜାନୁଆରୀରୁ କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକରେ ଜାତୀୟ ରାଜପଥ ବିଭାଗ ପକ୍ଷରୁ ୨ଟି ଜାଗାରେ ସ୍ଥାପନ କରାଯାଇଥିବା ଟୋଲ ଟ୍ୟାକ୍ସ ସଂଗ୍ରହକୁ କେସିଙ୍ଗା ବିକାଶ ମଞ୍ଚ ପକ୍ଷରୁ ବିଗତ ଦିନରେ ବିରୋଧ କରାଯାଇ ବିକାଶ ମଞ୍ଚର କର୍ମକର୍ତ୍ତାଙ୍କ ସହ କେସିଙ୍ଗା ସାମ୍ବାଦିକ ମହାସଂଘର ସଭାପତି ଓ ଅନ୍ୟାନ୍ୟ ବୁଦ୍ଧିଜୀବୀ ଜିଲ୍ଲାପାଳଙ୍କୁ ସାକ୍ଷାତ କରିଥିଲେ। ପରେ ତହସିଲଦାର ପ୍ରଶାନ୍ତି ପ୍ରଧାନ ବିକାଶମଞ୍ଚ, ସାମ୍ବାଦିକ ମହାସଂଘ ଓ ଅଞ୍ଚଳର ବୁଦ୍ଧଜୀବୀଙ୍କୁ ନେଇ ଆଲୋଚନା କରିଛନ୍ତି। ଶୁକ୍ରବାର ବ୍ଲକ୍ ସଭାଗୃହରେ ଅପରାହ୍ନରେ ଉଭୟ ପକ୍ଷରୁ ବୈଠକ ଅନୁଷ୍ଠିତ ହୋଇଯାଇଛି। କିଛି ଟୋଲ ଫ୍ରି ବିଷୟରେ କିଛି ନିଷ୍ପତି ହୋଇନଥିବା ବେଳେ ଏନ୍ ଏଚଆଇ କର୍ତ୍ତୃପକ୍ଷ ହାତଟେକି ଦେଇ ଥିଲେ। ଫଳରେ ବୈଠକରେ ଅପ୍ରୀତିକର ପରିସ୍ଥିତି ଉପୁଜିଥିଲା। ପରେ ବିକାଶ ମଞ୍ଚ ପକ୍ଷରୁ ଏନ୍ ଏଚ ଏ ଆଇ କୁ ୭ ଦିନର ଅଲ୍ଟିମେଟମ୍ ଦିଆଯାଇଛି ଯଦି ୭ ଦିନ ଭିତରେ ସମସ୍ୟାର ସମାଧାନ ନ ହୁଏ ତାହାଲେ ବିକାଶ ମଞ୍ଚ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରିବ ବୋଲି ଏନ୍ ଏଚ ଏ ଆଇ ଅଧିକାରୀଙ୍କୁ ଜଣାଇ ଦେଇଛନ୍ତି। କେସିଙ୍ଗା ତହସିଲଦାର



ପ୍ରଶାନ୍ତି ପ୍ରଧାନ, ବିଡ଼ିଓ ପଦ୍ମନାଭ ପୁରୋହିତ, ନଗରପାଳ ନୃପରାଜ ଯାଦବ, ବ୍ଲକ ଅଧ୍ୟକ୍ଷ ଚନ୍ଦନ ସେନାପତି, ଏନ୍ ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଣବ ଚାନ୍ଦ, ରମେଶ ପଟ୍ଟନାୟକ, ସୂର୍ଯ୍ୟ ଦାସ, ସୁରେଶ ମହାନନ୍ଦ, ବିକାଶ ମଞ୍ଚର କର୍ମକର୍ତ୍ତା, ଭବାନୀପାଟଣା ଟ୍ରକ୍ ସଂଘ କର୍ମକର୍ତ୍ତା, କେସିଙ୍ଗା ଟ୍ରକ୍ ସଂଘ ର କର୍ମକର୍ତ୍ତା, ସାମ୍ବାଦିକ ମହାସଂଘ ସଭାପତି ସୁଶାନ୍ତ ମହାପାତ୍ରଙ୍କ ସମେତ ସମସ୍ତ ଗଣମାଧ୍ୟମ ପ୍ରତିନିଧି ଓ ଅଞ୍ଚଳର ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

